ନିତିଦିନ NITIDIN
# ନଜର

୧୬ ପୃଷ୍ଠା

THE SUNDAY SECTION OF NITIDIN

ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୨୫ ଜାନୁଆରୀ,୨୦୨୬



ସୂର୍ଯ୍ୟମୟୀ ସାଜିଲେ
ଅଙ୍ଗନବାଡ଼ି ଦିଦି



# ଶ୍ରୀ ରାମକୃଷ୍ଣ ଚରିତାମୃତ(୩୦)

## ମନୋଜ କୁମାର ମହାପାତ୍ର

ଏଠାରେ ଉଲ୍ଲେଖନୀୟ ଯେ ଶ୍ରୀ ରାମକୃଷ୍ଣଙ୍କର ସମସ୍ତ ଆଧାତ୍ମିକ ସାଧନାର ଫଳ ଜଗଜ୍ଜନନୀ ତ୍ରିପୁରାସୁନ୍ଦରୀଙ୍କ ପାଦପଦ୍ମରେ ଷୋଡଶୀ ପୂଜା ମାଧ୍ୟମରେ ନିବେଦନ କଲେ। ଏମନ୍ତ ଉପାସନା ପତ୍ନୀ ସାରଦାଙ୍କର ମାନବୀ-ମନ ଓ ଚେତନାରେ ଦିବ୍ୟ-ଜନନୀଙ୍କର କାରୁଣ୍ୟ ଭାବ ପ୍ରକଟିତ ହେଲା, ଯାହା ଲୋକଲୋଚନ ଅନ୍ତରାଳରେ ହେଲା ସମାସୀବ। ବାହାରୁ ଦେଖିବାକୁ ଜଣେ ସାଧାରଣ ନାରୀ କିନ୍ତୁ ଭିତରେ ପୂର୍ଣ୍ଣ ମାତୃତ୍ୱର ମହାଦେବୀ ମୂର୍ତ୍ତି। ମାନବୀୟ ଓ ଦିବ୍ୟତାର ସମ୍ମିଶ୍ରଣର ଏକ ଅପୂର୍ବ ଦେବୀରେ ସେ ହେଲେ ରୂପାନ୍ତରିତ।

ଦିନେ ସାରଦାଦେବୀ, ଶ୍ରୀ ରାମକୃଷ୍ଣଙ୍କର ପାଦ ସେବା କରୁଥିବାବେଳେ ପଚାରିଥିଲେ - 'ତୁମେ ମୋତେ କେଉଁ ଦୃଷ୍ଟିରେ ଦେଖ'। ସେ ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲେ- ଯେଉଁ ମା' ଦକ୍ଷିଣେଶ୍ୱର ମନ୍ଦିରରେ ପୂଜା ପାଉଛନ୍ତି, ଯିଏ ମୋର ଏହି ଶରୀରକୁ ଜନ୍ମ ଦେଇଛନ୍ତି ଓ ଏବେ ମନ୍ଦିରବେଢାର ନହବତଖାନାରେ ଅବସ୍ଥାନ କରୁଛନ୍ତି ଏବଂ ବର୍ତ୍ତମାନ ଯିଏ ମୋ ପାଦ ସେବା କରୁଛନ୍ତି, ସତରେ ମୁଁ ତୁମକୁ ଆନନ୍ଦମୟୀ ମା' ରୂପରେ ଦେଖେ। ରାମକୃଷ୍ଣଙ୍କର କହିବାର ତାତ୍ପର୍ଯ୍ୟ ହେଉଛି - ଦକ୍ଷିଣେଶ୍ୱର ମନ୍ଦିରରେ ପୂଜିତ ଭବତାରିଣୀ କାଳୀ ଏବଂ ନହବତଖାନାରେ ରହୁଥିବା ତାଙ୍କର ବୃଦ୍ଧାମାତା ଚନ୍ଦ୍ରାଦେବୀ ଯେପରି ତାଙ୍କର ମା', ଠିକ୍ ସେପରି ତାଙ୍କର ସହଧର୍ମିଣୀ ସାରଦା ବି ମା'। ରାମକୃଷ୍ଣଙ୍କର ଏତାଦୃଶ କଥାରୁ ସ୍ପଷ୍ଟ ରୂପରେ ଜଣାପଡେ ଯେ ସେ ସାରଦାଙ୍କୁ କାଳୀ ରୂପରେ ନିରନ୍ତର ଦେଖୁଥିଲେ।

ସମୟ ଚକ୍ରରେ ମାସ ମାସ ବିତି ଚାଲିଲା। କିନ୍ତୁ ଏହି ଦିବ୍ୟ ଦମ୍ପତିଙ୍କର ମନ କ୍ଷଣମାତ୍ର ଇନ୍ଦ୍ରିୟ ସୁଖ ପାଇଁ ତଳକୁ ଖସିନାହିଁ। ଦୁଇଜଣଙ୍କର ସମ୍ପର୍କ ଦିବ୍ୟତାରେ ପରିପୂର୍ଣ୍ଣ। ଏହା କେବଳ ସମ୍ଭବ ହେଇଥିଲା ଯେ ଉଭୟ ପତି-ପତ୍ନୀଙ୍କର ମନ, ଚିନ୍ତା ଓ ଚେତନା ନିରନ୍ତର ବ୍ରହ୍ମଙ୍କ ସହିତ ଏକରସ ହୋଇସାରିଥିଲା। ପରବର୍ତ୍ତୀ କାଳରେ ଶ୍ରୀ ରାମକୃଷ୍ଣ ମା' ସାରଦୀ ଦେବୀଙ୍କର ଭୂୟସୀ ପ୍ରଶଂସା କରି କହୁଥିଲେ- ବିବାହ ପରେ ମୁଁ ଜଗତମାତାଙ୍କୁ ବ୍ୟଗ୍ର ହୋଇ ପ୍ରାର୍ଥନା କରିଥିଲି କି ମା', ତୁ ତାଙ୍କ ମନରୁ ଇନ୍ଦ୍ରିୟ ସୁଖ କାମନାର ମୂଳୋତ୍ପାଟନ କରିଦେ। ତାଙ୍କର ସହଚର୍ଯ୍ୟରେ ମୋର ଅନୁଭବ ହେଲା ଯେ ମୋର ପ୍ରାର୍ଥନା ଜଗନ୍ମାତା ସତରେ ଶୁଣିଛନ୍ତି।

୧୮୬୮ ମସିହାରେ ମଥୁରବାବୁ ଏବଂ ତାଙ୍କ ପତ୍ନୀ ଉତ୍ତର ଭାରତ ତୀର୍ଥ ଯାତ୍ରାର ଆୟୋଜନ କଲେ। ଏବଂ ମଥୁରବାବୁ ଚାହୁଁଥିଲେ ଯେ ଶ୍ରୀ ରାମକୃଷ୍ଣ ତାଙ୍କ ସଙ୍ଗରେ ସମ୍ମିଳିତ ହୁଅନ୍ତୁ। ବହୁତ ଅନୁରୋଧ କରି ଶ୍ରୀ ରାମକୃଷ୍ଣଙ୍କୁ ମନାଇବାରେ ସଫଳ ହେଲେ ଏବଂ ସେ ତାଙ୍କ ସଙ୍ଗରେ ଯିବାକୁ ପ୍ରସ୍ତୁତ ହେଲେ। ସେମାନେ ଜାନୁଆରୀ ୨୬ ତାରିଖରେ ତୀର୍ଥ ଭ୍ରମଣ ଯାତ୍ରାର ଶୁଭାରମ୍ଭ କଲେ। ପ୍ରଥମେ ଟ୍ରେନ ଯାଇ ଦେଓଘର ପହଞ୍ଚିବା ଉତ୍ତାରୁ ସେଠାରେ କିଛିଦିନ ରହିଲେ ଏବଂ ବୈଦ୍ୟନାଥଙ୍କର ଦର୍ଶନ କଲେ। ଦେଓଘର ରହଣୀ ଭିତରେ ଏକ ଅପୂର୍ବ ଘଟଣା ଘଟିଲା। ଦିନେ ଶ୍ରୀ ରାମକୃଷ୍ଣ ନିକଟସ୍ଥ ଏକ ଗାଁରେ ବୁଲୁଥିବା ବେଳେ ଗାଁ ଲୋକଙ୍କର ଦୟନୀୟ ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖୀ ହେଲେ। କରୁଣାଚିତ୍ତରେ ସେ ମଥୁରଙ୍କୁ କହିଲେ - ତୁମେ ମା'ଙ୍କର ଭଣ୍ଡାର ଅଟ। ଏଇ ଗରିବଙ୍କ ପାଇଁ କିଛି କପଡ଼ା ଦିଅ। ମଥୁର ପ୍ରଥମେ ଚିହିଁକି ଉଠି କହିଲେ- ବାବା, ଏହି ଯାତ୍ରାରେ ବହୁତ ଟଙ୍କା-ପଇସା ଖର୍ଚ୍ଚ ହେବ। ପୁଣି ଏଇ ଲୋକଙ୍କର ସଂଖ୍ୟା ବେଶୀ। ଯଦି ଏମାନଙ୍କ ପାଇଁ ଖାଇବା ଓ କପଡ଼ାର ବନ୍ଦୋବସ୍ତ କରାଯାଏ, ତେବେ ଯାତ୍ରା ପାଇଁ ପଇସା ନିଅଣ୍ଟ ପଡ଼ିବ। ଯାହା ଆପଣ କହିବେ। କିନ୍ତୁ ଶ୍ରୀ ରାମକୃଷ୍ଣ ନିଜ କଥାରେ ଅଟଳ ରହିଲେ। ସେହି ଦୁଃଖୀମାନଙ୍କର ଦୁଃଖରେ ମ୍ରିୟମାଣ ହୋଇ କାନ୍ଦି କାନ୍ଦି କହିବାକୁ ଲାଗିଲେ 'ତୁମକୁ ଧିକ୍'। ମୁଁ କାଶୀ ଯିବି ନାହିଁ। ଏହି ଅସହାୟ ଲୋକଙ୍କ ଗହଣରେ ରହିବାକୁ ମୋର ପସନ୍ଦ। ତୁମେ ତୀର୍ଥ ଯାଅ କିନ୍ତୁ ମୁଁ ଏଠାରୁ କୁଆଡେ ଯିବିନି। ଜଣେ ଜିଦିଖୋର୍ ବଙ୍କଳ ଭଳି ସେ ମଥୁରଙ୍କ ସାଙ୍ଗ ଛାଡ଼ି ଗରିବ ଗ୍ରାମବାସୀଙ୍କ ଗହଣରେ ବସିଲେ। ଦୁଃଖ ଓ ଦାରିଦ୍ର୍ୟର କଷାଘାତ ଗ୍ରାମବାସୀଙ୍କ ପ୍ରତି ଶ୍ରୀ ରାମକୃଷ୍ଣଙ୍କ କରୁଣା ଦେଖି ମଥୁର ଆଉ କରିବେ କ'ଣ ? ବାଧ ହେଇ କଲିକତାରୁ କପଡ଼ା ଗଣ୍ଠିଲି ଓ ଖାଦ୍ୟ ସାମଗ୍ରୀ ମଗାଇଲେ ଏବଂ ଗରିବମାନଙ୍କ ଭିତରେ ବିତରଣ କଲେ। ଏହା ଦେଖି ଶ୍ରୀ ରାମକୃଷ୍ଣ ପ୍ରସନ୍ନ ଚିତ୍ତରେ କାଶୀ ଯିବା ପାଇଁ ରାଜି ହେଲେ। (କ୍ରମଶଃ)

**ଫୋନ୍-୯୯୩୭୨୯୭୦୩୯**



# ବିଶ୍ୱାସେ ମିଳନ୍ତି ହରି

ଏକ ପରିବାରରେ ଆଧାତ୍ମିକତା ଓ ଭକ୍ତିର ମାହୋଲ ଯୋଗୁଁ ପରିବାରରେ ଥିବା ଏକ କୁନି ଝିଅର ଲଡୁ ଗୋପାଳଙ୍କ ପ୍ରତି ଭକ୍ତି ବିକଶିତ ହୋଇଥିଲା। ତାଙ୍କ ଉପରେ ତାଙ୍କର ଅପାର ବିଶ୍ୱାସ ଥିଲା। ସେ ନିୟମିତ ଭାବରେ ବୃନ୍ଦାବନକୁ ଯାଉଥିଲେ ଏବଂ ଲଡୁ ଗୋପାଳଙ୍କୁ ଦର୍ଶନ କରୁଥିଲେ। ଧୀରେ ଧୀରେ ସେ ବଡ଼ ହେଲେ, କିନ୍ତୁ ସେ କେବେ ବୃନ୍ଦାବନ ଯିବା ବନ୍ଦ କଲେ ନାହିଁ। ସେ ବିବାହ କଲେ, ପିଲା ଜନ୍ମ କଲେ ଏବଂ ସେମାନେ ମଧ୍ୟ ବଡ଼ ହେଲେ ଏବଂ ବିବାହ କଲେ। କିନ୍ତୁ ତାଙ୍କର ପ୍ରତିଜ୍ଞା ଦୃଢ଼ ରହିଲା।

ଗୋଟିଏ ଦିନ, ଯେତେବେଳେ ସେ ବହୁତ ବୃଦ୍ଧ ହୋଇଗଲେ ଏବଂ ଆଉ ଚାଲି ପାରିଲେ ନାହିଁ, ସେ ବୃନ୍ଦାବନକୁ ଯାଇ ଲଡୁ ଗୋପାଳଙ୍କ ଏକ ମୂର୍ତ୍ତି ଆଣି ଘରେ ପୂଜା କରିବାକୁ ଲାଗିଲେ। ଗୋଟିଏ ଦିନ, ପୂଜା ପରେ, ବୁଢ଼ୀ ତାଙ୍କ ବୋହୂଙ୍କୁ କହିଲେ, 'ବୋହୂ, ଦୟାକରି ଏହି ମୂର୍ତ୍ତିକୁ ଭିତର କୋଠରୀରେ ରଖନ୍ତୁ।' ବୋହୂ ମୂର୍ତ୍ତି ସହିତ ଭିତରକୁ ଗଲେ, କିନ୍ତୁ ଭୁଲବଶତଃ ଏହାକୁ ପକାଇ ଦେଲେ, ଯାହା ଫଳରେ ଏକ ଜୋରରେ ଶବ୍ଦ ହେଲା। ବୁଢ଼ୀ ଭୟରେ ଚିତ୍କାର କଲେ, 'କଣ ହେଲା ବୋହୂ ?'

ବୋହୂ ଉତ୍ତର ଦେଲେ, 'କିଛି ନାହିଁ, ମା। ମୂର୍ତ୍ତିଟି କେବଳ ପଡ଼ିଗଲା।' ଏହା ଶୁଣି ବୁଢ଼ୀ କାନ୍ଦି ପକାଇଲେ। ସେ କାନ୍ଦିବାକୁ ଲାଗିଲେ, 'କେହି ଜଣେ ଡାକ୍ତରଙ୍କୁ ଡାକି ଆଣ। ମୋ ଲଡୁ ଗୋପାଳ ଆଘାତ ପାଇଛି, ମୋ ଲଡୁ ଗୋପାଳ ଆଘାତ ପାଇଛି।'

ପ୍ରଥମେ, ବୋହୂ ଭାବିଲା ଯେ ବୁଢ଼ୀ କେବଳ ଅଭିନୟ କରୁଛି, କିନ୍ତୁ ଯେତେବେଳେ ସେ ବହୁତ ସମୟ ପରେ ମଧ୍ୟ ବନ୍ଦ କଲା ନାହିଁ, ସେ ଭାବିଲା ଯେ ସେ ପାଗଳ ହୋଇଯାଇଛି। ବୃଦ୍ଧାବସ୍ଥାରେ ଲୋକମାନେ ପ୍ରାୟତଃ ପାଗଳ ହୋଇଯାଆନ୍ତି।

ସେହି ସନ୍ଧ୍ୟାରେ, ଯେତେବେଳେ ବୁଢ଼ୀର ପୁଅ ଘରକୁ ଆସିଲା ଏବଂ ବୋହୂ ତାଙ୍କୁ ସବୁକିଛି ବୁଝାଇଲା, ସେ ମଧ୍ୟ ବିଶ୍ୱାସ କଲା ଯେ ତାଙ୍କ ମାଆ ପ୍ରକୃତରେ ପାଗଳ ହୋଇଯାଇଛନ୍ତି। 'ଜଣେ ଡାକ୍ତର ମୂର୍ତ୍ତି ପାଇଁ ମଧ୍ୟ ଆସିବେ ?' ତା'ପରେ ସେ ତାଙ୍କ ପିଲାମାନଙ୍କ କଥା ଭାବିଲେ। ସେ ନିଷ୍ପତ୍ତି ନେଲେ ଯେ ତାଙ୍କୁ ତାଙ୍କ ମାଆଙ୍କୁ ମାନସିକବିକଳାଙ୍ଗ ଆଶ୍ରୟସ୍ଥଳକୁ ପଠାଇବାକୁ ପଡିବ। ନଚେତ୍, ତାଙ୍କ ପାଗଳାମି ତାଙ୍କ ପିଲାମାନଙ୍କୁ ମଧ୍ୟ ପ୍ରଭାବିତ କରିପାରେ।

କୁ ଡାକିଲେ। ପଡ଼ୋଶୀ ବୁଝାଇଲେ, 'ଦେଖ, ପୁଅ, ବୃଦ୍ଧାବସ୍ଥା ଏବଂ ପିଲାଦିନ ସମାନ। ପିଲାଦିନରେ ଆମର ଅଭ୍ୟାସ ବୃଦ୍ଧାବସ୍ଥାରେ ସମାନ। ତୁମେ ଗୋଟିଏ କାମ କରିବା ଉଚିତ, ଡାକ୍ତରଙ୍କୁ ଡାକିବା ଉଚିତ। ତାଙ୍କୁ ପୂର୍ବରୁ କୁହ ଯେ ତୁମକୁ ଏକ ମୂର୍ତ୍ତି ଯାଞ୍ଚ କରିବାକୁ ପଡିବ। ତା'ପରେ, ଯେତେବେଳେ ସେ ଟଙ୍କା ପାଇବ, ତାଙ୍କୁ ଏହା କହିବାରେ କୌଣସି ଅସୁବିଧା ହେବ ନାହିଁ। ଏହିପରି ଭାବରେ, ତୁମ ମାଆଙ୍କୁ ମାନସିକ ଆଶ୍ରୟସ୍ଥଳକୁ ଯିବାକୁ ପଡ଼ିବ ନାହିଁ, ଏବଂ ତାଙ୍କର ଜିଦ୍ ପୂରଣ ହେବ।'

ପୁଅ କଥାଟି ବୁଝିପାରିଲା ଏବଂ ସେହି ବ୍ୟକ୍ତି ନିର୍ଦ୍ଦେଶ ଅନୁସାରେ ଯାଇ ଡାକ୍ତରଙ୍କୁ ବୁଝାଇଲା। ଡାକ୍ତର ରାଜି ହେଲେ। ପରଦିନ, ଡାକ୍ତର ଠିକ୍ ସମୟରେ ବୃଦ୍ଧାଙ୍କ ଘରକୁ ଗଲେ। ଘରେ ପ୍ରବେଶ କରିବା ମାତ୍ରେ ଡାକ୍ତର କହିଲେ, 'ମା, ତୁମର ଲଡୁ ଗୋପାଳ କେଉଁଠି ?'ବୃଦ୍ଧା ତାଙ୍କୁ ମୂର୍ତ୍ତି ଦେଖାଇ କହିଲେ, 'ଆସ, ଡାକ୍ତର, ଆସି ଦେଖ ମୋ ଲଡୁ ଗୋପାଳର କଣ ହୋଇଛି।' ଡାକ୍ତର ଦୂରରୁ କହିଲେ, 'ମା ତାଙ୍କ ଭିତରେ ଆଉ ଜୀବନ ନାହିଁ ; ସେ ଚାଲିଗଲେ।' ଏହା ଶୁଣି ବୃଦ୍ଧା ରାଗି ଯାଇ ଡାକ୍ତରଙ୍କୁ ପଚାରିଲେ, 'କାହିଁକି, ଡାକ୍ତର, ଆପଣ କେତେ ବର୍ଷ ଧରି ଡାକ୍ତରୀ ଅଭ୍ୟାସ କରୁଛନ୍ତି ?'ଡାକ୍ତର ଆଶ୍ଚର୍ଯ୍ୟ ହୋଇ କହିଲେ, '୪୦ ବର୍ଷ ହେଲା ହେଲେ କାହିଁକି ?'ବୁଢ଼ୀ କହିଲେ, 'ଆପଣ ଏତେ ବର୍ଷ ଧରି ଅଭ୍ୟାସ କରୁଛନ୍ତି, କିନ୍ତୁ ଆପଣ ବୁଝିପାରିଲେ ନାହିଁ ଯେ ଆପଣ ରୋଗୀଙ୍କୁ ନ ଛୁଇଁ ତାଙ୍କ ରୋଗ ନିର୍ଣ୍ଣୟ କରିପାରିବେ ନାହିଁ।'

ଡାକ୍ତର ଅନୁଭବ କଲେ ଯେ ସେ ବହୁତ ଶୀଘ୍ର ତାଙ୍କ କାମ ସାରି ଦେଉଛନ୍ତି। ସେ ଯାଇ ମୂର୍ତ୍ତିର ନାଡ଼ି ଯାଞ୍ଚ କଲେ। ତା'ପରେ ଡାକ୍ତର କହିଲେ, 'ଦେଖ, ମା, ତୁମର ଲଡୁ ଗୋପାଳରେ କିଛି ନାହିଁ।' ବୃଦ୍ଧା କହିଲେ, 'ପୁଅ, ଭଲ ଭାବରେ ଦେଖ। ଏହା ସମ୍ଭବ ହୋଇପାରିବ ନାହିଁ।' ଏଥର, ଡାକ୍ତର ଛାତି ଯାଞ୍ଚ କଲେ। ଏବଂ ତା'ପରେ କହିଲେ, 'ମା, ତୁମର ମୂର୍ତ୍ତିରେ ଏବେ କିଛି ନାହିଁ। ଏହା ଚାଲିଗଲା।' ବୃଦ୍ଧା କହିଲେ, 'ପୁଅ, ତୁମ ପାଖରେ ଥିବା ମେସିନ୍ ସାହାଯ୍ୟରେ ଏହାକୁ ଯାଞ୍ଚ କର।'ଡାକ୍ତର ବୁଝିପାରିଲେ ଯେ ବୃଦ୍ଧା ମହିଳା ଜଣକ ଷ୍ଟେଥୋସ୍କୋପ୍ ବିଷୟରେ କହୁଛନ୍ତି। ଡାକ୍ତର ତାଙ୍କର ଷ୍ଟେଥୋସ୍କୋପ୍ ବାହାର କରି ମୂର୍ତ୍ତିର ଛାତିରେ ରଖିଲେ। ମୂର୍ତ୍ତିରୁ ଏକ ଜୋରରେ ଧକ୍ ଧକ୍ ହେବାର ଶବ୍ଦ ଆସିଲା। ଡାକ୍ତର ଭୟଭୀତ ହେଲେ। ସେ ବାରମ୍ବାର ଯାଞ୍ଚ କଲେ, ଏବଂ ପ୍ରତ୍ୟେକ ଥର, ଧକ୍ ଧକ୍ ହେବାର ଶବ୍ଦ ଆସିଲା। ଏହା ଶୁଣି ଡାକ୍ତର ବୃଦ୍ଧାଙ୍କ ପାଦ ଧରି କହିଲେ, 'ମା, ତୁମକୁ ପାଗଳ କହୁଥିବା ଏହି ଦୁନିଆ ପ୍ରକୃତରେ ପାଗଳ। ପାଗଳ ସେଇମାନେ ଯେଉଁମାନେ ଏହି ମୂର୍ତ୍ତି ପଛରେ ଲୁଚି ରହିଥିବା ତୁମର ଭାବନାକୁ ଦେଖିପାରୁ ନାହାନ୍ତି।' ଏହି ମୂର୍ତ୍ତିର କୌଣସି ଜୀବନ ନଥିଲା, ତୁମର ବିଶ୍ୱାସ ହିଁ ଏହି ମୂର୍ତ୍ତିରେ ଜୀବନ ଆଣି ଦେଇଥିଲା। ହଁ ଆଜ୍ଞା ବିଶ୍ୱାସ ମୂଳେ ଆତଯାତ ଏ ଜଗତ। ବିଶ୍ୱାସେ ମିଳନ୍ତି ହରି, ବିଶ୍ୱାସ ଥିଲେ ଗାଁ ଗଡ଼ିଆ ହିଁ ଗଙ୍ଗା ପାଲଟିଯାଏ।

**-ଶ୍ରୀବତ୍ସ ନାୟକ**
**ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ**

ପ୍ରଚ୍ଛଦ

# ପଞ୍ଜିକା



ହରିଶଙ୍କର ମିଶ୍ର

ପଞ୍ଜିକା ଆମର ଦୈନିକ ସାମାଜିକ ତଥା ଧାର୍ମିକ ଚଳଣୀ ପାଇଁ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ତା'ର ଗୁରୁତ୍ୱ ଯଥେଷ୍ଟ ରହିଛି। ଜ୍ୟୋତିଷ ଶାସ୍ତ୍ର ଆଧାରିତ ଧର୍ମଶାସ୍ତ୍ରୀୟ ବ୍ୟବସ୍ଥାରେ ପଞ୍ଜିକା ପ୍ରସ୍ତୁତ ହୋଇଥାଏ। ବେଦର ଛଅଟି ଅଙ୍ଗ ମଧ୍ୟରୁ ଜ୍ୟୋତିଷ ଶାସ୍ତ୍ରକୁ ଚକ୍ଷୁ ସଦୃଶ ବୋଲି କୁହାଯାଏ। ଏହା ମଧ୍ୟରେ ସିଦ୍ଧାନ୍ତ ହୋରା ଅନ୍ୟତମ। ଗଣିତ ଜ୍ୟୋତିଷକୁ ସିଦ୍ଧାନ୍ତ କୁହାଯାଏ। ଏଥିରେ ଗ୍ରହମାନଙ୍କର ଗତି, ସ୍ଥିତି ଆଦି ନିର୍ଣ୍ଣୟ ହେଉଥିବା ବେଳେ ଫଳିତ ଜ୍ୟୋତିଷକୁ ହୋରା କୁହାଯାଏ। ଏହାଦ୍ୱାରା ଗ୍ରହମାନଙ୍କର ପାରସ୍ପରିକ ପ୍ରଭାବ ଜଣାପଡ଼ିଥାଏ। ଧର୍ମଶାସ୍ତ୍ର ଆଧାରିତ ସଂହିତା ମନୁଷ୍ୟ ଜୀବନର ଆଚାର ବ୍ୟବହାରରେ ସଂଜମତା ଚାଲିଚଳନ ତଥା ଶୃଙ୍ଖଳିତ ଜୀବନଶୈଳୀ ବା ଜୀବନ ଦର୍ଶନ ଉପରେ ପର୍ଯ୍ୟବସିତ। ଏଇ ତିନୋଟିର ସମିଶ୍ରଣରେ ପଞ୍ଜିକା ପ୍ରସ୍ତୁତ ହୁଏ। ଏହି ପଞ୍ଜିକା ଆମର ଜନ୍ମ ଜାତକ ପ୍ରସ୍ତୁତି ଠାରୁ ମୃତ୍ୟୁ ତିଥି ଓ ମୃତ୍ୟୁ ସମୟରେ ଥିବା ପୁଷ୍କର ଦୋଷ ନିର୍ଣ୍ଣୟ ପାଇଁ ସହାୟକ ହୋଇଥାଏ। ଦୈନିକ ପଞ୍ଜାଙ୍ଗ ଯଥା ବାର ରାଶି ନକ୍ଷତ୍ର ଯୋଗ କରଣ ସହ ତିଥି ବ୍ୟାପ୍ତିର ସୂଚନା ପଞ୍ଜିକାରୁ ମିଳିଥାଏ। ତାହା ଆଧାରରେ ଦୈନିକ ନିଷିଦ୍ଧ ଖାଦ୍ୟ, କର୍ମ ସହ ପ୍ରତ୍ୟେକ ବ୍ୟକ୍ତିର ଜନ୍ମ ରାଶି ଆଧାରରେ ଭଲ ମନ୍ଦ ଜଣାପଡ଼ିଥାଏ। ବିବାହ ବ୍ରତ ଗୃହାରମ୍ଭ ଗୃହ ପ୍ରବେଶ ଆଦି ବିବିଧ ଶୁଭ କର୍ମର ଦିନ ସହ ଶୁଭ ଲଗ୍ନ ପଞ୍ଜିକା ଆଧାରରେ ନିର୍ଣ୍ଣୟ ହେଉଥିବା ବେଳେ ବାର, ବେଳା, କାଳ ବେଳା, ରାହୁ କାଳ ଏବଂ ଯୋଗିନୀ ସ୍ଥିତି ସହ ଅମୃତ ବେଳା ମାହେନ୍ଦ୍ର ବେଳା ସହ ଶୁଦ୍ଧ ଶୁଭ ବେଳାର ସୂଚନା ପାଇଁ ପଞ୍ଜିକାର ଆବଶ୍ୟକତା ରହିଥାଏ। ପଞ୍ଜିକାରେ ପ୍ରଦତ୍ତ ସୂଚନା ଆଧାରରେ ବିଭିନ୍ନ ପର୍ବପର୍ବାଣି ବ୍ରତ ଉପବାସ ଏକାଦଶୀ ଶିବବାସ ଶିବଙ୍କ ବେଢ଼ା ପରିକ୍ରମା ଆଦି ନିର୍ଣ୍ଣୟ ପାଇଁ ପଞ୍ଜିକା ଅନୁକରଣ କରାଯାଏ। କୃଷି ପାଇଁ ମଧ୍ୟ ପଞ୍ଜିକାର ଆବଶ୍ୟକତା ରହିଛି। ବର୍ଷା ଓ ପାଣିପାଗର ସୂଚନା କେଉଁ ଫସଲ କେତେ ପରିମାଣର ଆଦାୟ ହେବ ତା'ର ସୂଚନା ମଧ୍ୟ ରହିଥାଏ। ପଞ୍ଜିକାରେ ପ୍ରତିଦିନର ସୂର୍ଯ୍ୟ ଉଦୟ ଓ ଅସ୍ତ ସମୟ ଠାରୁ ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ପରାଗର ଆରମ୍ଭ ସର୍ବମୋକ୍ଷ ସମୟର ସୂଚନା ରହିଥାଏ। ତେଣୁ ପଞ୍ଜିକା ଆମର ଚଳଣୀର ଅ୍ୱିଚ୍ଛେଦ୍ୟ ଅଙ୍ଗ ଏହା ଅନସ୍ୱୀକାର୍ଯ୍ୟ।

## ଓଡିଶାରେ ପଞ୍ଜିକା ଓ ସିଦ୍ଧାନ୍ତ ଦର୍ପଣ :

ଓଡ଼ିଶାର ସୂର୍ଯ୍ୟ ସିଦ୍ଧାନ୍ତ ଆଧାରରେ ପଞ୍ଜିକା ଲିଖନ ହେଉଥିଲା। ଆମର ବିଧି ବ୍ୟବସ୍ଥା ଅନୁଯାୟୀ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ ଦିନକୁ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ବର୍ଷର ପ୍ରଥମ ଦିନ ଭାବରେ ଗ୍ରହଣ କରାଯାଏ। ପ୍ରତ୍ୟେକ ବର୍ଷ ଦୋଳପୂର୍ଣ୍ଣିମାରେ ଦୋଳବେଦୀ ଉପରେ ଆଗାମୀ ବର୍ଷର ପଞ୍ଜିକା ପାଠ ହୋଇଥାଏ। ଖଣ୍ଡପଡ଼ା ଗଡର ରାଜବଂଶରେ ଜନ୍ମିତ ଚନ୍ଦ୍ର ଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର ବା ଯିଏ ପଠାଣି ସାମନ୍ତ ଭାବରେ ପରିଚିତ ସେ ଓଡ଼ିଶାରେ ସଂଗଠିତ ନଅଙ୍କ ଦୁର୍ଭିକ୍ଷର କାରଣ ସମ୍ପର୍କରେ ଜାଣିବା ପାଇଁ ଏବଂ ଓଡ଼ିଶାରେ ପ୍ରଚଳିତ ପଞ୍ଜିକା ତ୍ରୁଟିଯୁକ୍ତ ଅନୁଭବ କରି ନିଜ ଘରର ଚାଳ କଣାକରି ଏବଂ ନିଜସ୍ୱ ପ୍ରସ୍ତୁତ ମାନଯନ୍ତ୍ର ଦ୍ୱାରା ଦୀର୍ଘ କୋଡ଼ିଏ ବର୍ଷ ଧରି ନୀରିକ୍ଷଣ କରି ଗ୍ରହ ମାନଙ୍କର ଗତି ସହ ସୌରଜଗତ ସମ୍ପର୍କରେ ଯେଉଁ ତଥ୍ୟ ହାସଲ କରିଥିଲେ ଏବଂ ପରବର୍ତ୍ତୀ ଦଶ ବର୍ଷ ତାଙ୍କ ନିଜ ଗଣନାକୁ ଅନୁଧାନ କରି 'ସିଦ୍ଧାନ୍ତ ଦର୍ପଣ' ନାମକ ଯେଉଁ ଗ୍ରନ୍ଥ ସୃଷ୍ଟି କରିଥିଲେ ତାହାର ଆଧାରରେ ଗଣିତ ପଞ୍ଜିକା ସଠିକ୍ ବୋଲି ସେ ତା'ର ମୁଖବନ୍ଧରେ ଲେଖିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପୃଥିବୀ ସୂର୍ଯ୍ୟ ଚାରିପଟେ ବୁଲୁଥିବା ଇଂରେଜ ବୈଜ୍ଞାନିକ ଗାଲିଲିଓ ଙ୍କ ସିଦ୍ଧାନ୍ତ ଗୃହୀତ ହୋଇଥିଲା। ପଠାଣି ସାମନ୍ତ ପୃଥିବୀ ସ୍ଥିର ସୂର୍ଯ୍ୟ ତା' ଚାରିପାଖରେ ବୁଲୁଥିବା ଦର୍ଶାଇଥିଲେ ଏବଂ ଆଶ୍ଚର୍ଯ୍ୟଜନକ




ଭାବରେ ଦୁଇଟି ଗଣନା ସମାନ ହୋଇଥିବାରୁ ସେ ଦର୍ପଣ ସାର ପୁସ୍ତକରେ 'ଏ ମଧ୍ୟ ଇଂରାଜୀ ପାଞ୍ଜି ସଙ୍ଗେ ମିଳିବାରୁ ଶିଷ୍ଟାଚାରର ଅବିରୁଦ୍ଧ ହୋଇଛନ୍ତି ବୋଲି ଲେଖିଛନ୍ତି। କିନ୍ତୁ ଯେତେବେଳେ ପଠାଣି ସାମନ୍ତଙ୍କୁ ଇଂରେଜ ସରକାରଙ୍କ ଦ୍ୱାରା ମହାମହୋପାଧ୍ୟାୟ ଉପାଧିରେ ଭୁଷିତ ପାଇଁ କଟକକୁ ଆମନ୍ତ୍ରଣ କରାଗଲା ସେ ଖଣ୍ଡପଡ଼ାରୁ ନୌକାରେ ଯାଇ କଟକରେ ପହଞ୍ଚିଥିଲେ। ରେଭେନ୍ସା କଲେଜର ତତ୍କାଳୀନ ଜନୈକ ଅଧ୍ୟାପକଙ୍କ ଘରେ ରହିବା ଅବସରରେ ଯେତେବେଳେ କଲେଜରେ ଥିବା ଦୂରବୀକ୍ଷଣ ଯନ୍ତ୍ର ଦେଖିଲେ ସେ ଦୁଃଖରେ କହିଥିଲେ ଯେ ଏହାକୁ ପାଇଥିଲେ ତାଙ୍କ ଗଣନା ଶୀଘ୍ର ସମାପ୍ତ ହୋଇଥାନ୍ତା। ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ତାଙ୍କୁ ୧୪ ବର୍ଷ ହୋଇଥିବା ବେଳେ ସେ ସ୍ୱନିର୍ମିତ ମାନଯନ୍ତ୍ର ଦ୍ୱାରା ତାଙ୍କୁ ୩୪ ବର୍ଷ ପର୍ଯ୍ୟନ୍ତ ଦିବାରାତ୍ର ଅନୁଧାନ କରିଥିବାରୁ ଅନେକ କଷ୍ଟ ପାଇଥିଲେ। ସେ ତାଙ୍କ ଗଣନାର ସତ୍ୟତା ଏବଂ ଶୁଦ୍ଧତା ଜାଣିବାକୁ ପୁନଶ୍ଚ ୧୦ ବର୍ଷ ନିଜ ଗଣନାରୁ ପୁନଶ୍ଚ ଅନୁଧାନ କରିଥିଲେ। ଏବଂ ସେ ନିଶ୍ଚିତ ହେଲେ ଯେ ତାଙ୍କ ଗଣନାରେ ସମୟଭିତ୍ତିକ ବୀଜ ସଂସ୍କାର କଲେ ତାହା ଅର୍ବୁଦ ବର୍ଷ ପର୍ଯ୍ୟନ୍ତ ସଠିକ୍ ପ୍ରତିପାଦିତ ହେବ। ତେଣୁ ସେ ପଞ୍ଜିକା ଗଣନାକୁ ପ୍ରତ୍ୟକ୍ଷ ଅନୁଭବ କରିଥିବାରୁ ତାହା ଦୃକସିଦ୍ଧ ବୋଲି ଲେଖିଛନ୍ତି। ସିଦ୍ଧାନ୍ତ ଦର୍ପଣ ଏପରି ଏକ ପୁସ୍ତକ ଯାହାକୁ ଅନୁଧାନ କରି

କବିବର ରାଧାନାଥ ରାୟ ଲେଖିଥିଲେ

**'ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ
ନର ଦେହେ ଥିବ ଯାବତ ହୃଦୟ'**

ପଠାଣି ସାମନ୍ତଙ୍କ ଦ୍ୱାରା ଗଣିତ ପଞ୍ଜିକା ୧୮୭୬ ମସିହାରେ ସିଦ୍ଧ ହୋଇଥିବାବେଳେ ୧୮୮୮ ମସିହାରେ ମଞ୍ଜୁଷା ରାଜା ଓ ଶ୍ରୀମନ୍ଦିର ସହକାରୀ ତତ୍ତ୍ୱାବଧାରକ ଶ୍ରୀ ହରେକୃଷ୍ଣ ଦାସଙ୍କ ଆଦେଶରେ ଶ୍ରୀମନ୍ଦିରସ୍ଥ ମୁକ୍ତିମଣ୍ଡପ ତାହାକୁ ସ୍ୱୀକୃତି ଦେଇଥିଲା।

## ଖଡିରତ୍ନ ପଞ୍ଜିକା:

ଏବେ ଓଡ଼ିଶାରେ ଖଡୀରତ୍ନ ପଞ୍ଜିକା ନାମରେ ଅନେକ ପଞ୍ଜିକା ଉପଲବ୍ଧ ହେଉଛି। ଏହା କେବଳ ବ୍ୟବସାୟିକ ସଫଳତା ପାଇଁ ପଞ୍ଜିକା ଅନୁକରଣକାରୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ ମନେହୁଏ। ପଠାଣି ସାମନ୍ତ ଜଣେ ରାଜବଂଶୀୟ ଥିବାରୁ ପୁରୀର ତତ୍କାଳୀନ ଗଜପତି ଆତ୍ମସମ୍ମାନ ପାଇଁ ତାଙ୍କ ଗଣନାକୁ ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରି ନଥିଲେ। ସେଥିପାଇଁ ସେ ଅବିଭକ୍ତ ପୁରୀ ଜିଲ୍ଲାର ବୋଲଗଡ଼ ନିକଟସ୍ଥ ବିଲଖଉରୁଣୀ ଗ୍ରାମର ପଠାଣି ସାମନ୍ତଙ୍କ ପ୍ରତ୍ୟକ୍ଷ ଶିଷ୍ୟ ସ୍ୱର୍ଗତ ସଦାଶିବଙ୍କୁ ଖଡୀରତ୍ନ ଉପାଧି ପ୍ରଦାନ କରିଥିଲେ। ଏହି ପଦବୀ ରାଜପ୍ରଦତ୍ତ ଯୋଗୁଁ ବଂଶାନୁକ୍ରମିକ ପଞ୍ଜିକା ଗଣନା ଓ ଲିଖନ କରିଆସୁଛନ୍ତି। ସେଇ ପଞ୍ଜିକା ଲୋକାଦୃତ ହେବାରୁ ଅନେକ ପଞ୍ଜିକାକାର ନିଜସ୍ୱ ପଞ୍ଜିକାକୁ ଖଡୀରତ୍ନ ପଞ୍ଜିକା ଭାବରେ ବଜାରରେ ଉପଲବ୍ଧ କରାଉଛନ୍ତି। ଏପରିକି ପଠାଣି ସାମନ୍ତଙ୍କ ପ୍ରତି ଲୋକଙ୍କ ସମ୍ମାନକୁ ଆଧାର କରି ସମାନ ପଞ୍ଜିକାର କେବଳ ମଲାଟ ବଦଳାଇ ସାମନ୍ତ ପଞ୍ଜିକା ଭାବରେ ମଧ୍ୟ ବିକ୍ରି କରୁଛନ୍ତି।

## ପଞ୍ଜିକା ଓ ମେଘନାଦ ସାହା କମିଶନ:

ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣରେ ଦର୍ଶିତ ବୀଜ ସଂସ୍କାର ନହେବା ଦ୍ୱାରା ପଞ୍ଜିକା ତ୍ରୁଟିଯୁକ୍ତ ହେବା ସହ ଭାରତର ବିଭିନ୍ନ ରାଜ୍ୟରେ ପ୍ରଚଳିତ ପଞ୍ଜିକାର ତାଳମେଳ ରହିଲାନାହିଁ। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୫୧ ମସିହାରେ ମେଘନାଦ ସାହାଙ୍କ ସଭାପତିତ୍ୱରେ ଏକ କମିଶନ ଗଠନ କଲେ। ସେଥିରେ ଭାରତର ପ୍ରତ୍ୟେକ ରାଜ୍ୟର ହେଉଥିବା ଗଣନାକୁ ତର୍ଜମା କରି ପଠାଣି ସାମନ୍ତଙ୍କ ନିର୍ଣ୍ଣୟ



ଆଧାରରେ ସିଦ୍ଧାନ୍ତ ଦର୍ପଣକୁ ଗୁରୁତ୍ୱ ଦିଆଗଲା। ସୂଚନାଯୋଗ୍ୟ ଯେ ଆମର ଅୟନାଂଶ ସର୍ବଦା ନିରପେକ୍ଷ ଯୋଗୁଁ ତିଥି ବ୍ୟାପ୍ତି ସର୍ବତ୍ର ସମାନ ହେବା ଉଚିତ। ଏହି ଅସଙ୍ଗତି ଦୂର କରିବାକୁ କମିଶନ ଉଜ୍ଜୟିନୀକୁ ମୂଳକ୍ଷେତ୍ର ଭାବରେ ଗ୍ରହଣ କରି ସାରା ଭାରତରେ ପଞ୍ଜିକାକୁ ସମାନ କରିବାକୁ ଯେଉଁ ପଦ୍ଧତି ଗ୍ରହଣ କଲେ ତାହା ରାଷ୍ଟ୍ରୀୟ ପଞ୍ଚାଙ୍ଗ ଭାବରେ ପ୍ରଚଳିତ ହେଲା। ଦେଶର ପ୍ରତ୍ୟେକ ମୁଖ୍ୟ ସ୍ଥାନର ସ୍ଥାନୀୟ ସୂର୍ଯ୍ୟ ଉଦୟ ଓ ଅସ୍ତ ସହ ଭାରତରେ ପ୍ରଚଳିତ ସମସ୍ତ ଭାଷାରେ ତାହା ପ୍ରଚଳିତ



ହେଉଛି । ଉକ୍ତ ପଞ୍ଜିକା କିନ୍ତୁ କ୍ୟାଲେଣ୍ଡର ବର୍ଷ ଅର୍ଥାତ୍ ଜାନୁଆରୀ ମାସରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ପ୍ରସ୍ତୁତ ହେଉଥିବାରୁ ଆମ ରାଜ୍ୟରେ ଓଡ଼ିଆ ନବବର୍ଷ ପାଇଁ ଅନୁକୂଳ ହେଉନାହିଁ। ସେଥିପାଇଁ ରାଜ୍ୟରେ ଅନେକ ପଞ୍ଜିକାକାର ଏବେ ଓଡ଼ିଆ ବର୍ଷ ଅନୁଯାୟୀ ପଞ୍ଜିକା ଗଣନା କରୁଛନ୍ତି।

## ପଞ୍ଜିକା ସ୍ୱୀକୃତି:

ଶ୍ରୀ ମନ୍ଦିରସ୍ଥ ମୁକ୍ତିମଣ୍ଡପ ପ୍ରତିବର୍ଷ ପଞ୍ଜିକାକୁ ସ୍ୱୀକୃତି ଦେଉଥିବା ବେଳେ କୌଣସି କାରଣରୁ ଅନେକ ଗୁଣି ଜ୍ଞାନୀ ପଣ୍ଡିତ ଅଲଗା ହୋଇ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠନ କଲେ ଏବଂ ପରେ ସେମାନେ ପଞ୍ଜିକାକୁ ତନ୍ନତନ୍ନ କରି ଯାଞ୍ଚ ପରେ ପଞ୍ଜିକାକୁ ସ୍ୱୀକୃତି ଦେବାରେ ତାହା ତ୍ରୁଟି ଶୁନ୍ୟ ହେଲା। ଏହା ସତ୍ୟ ଯେ ପୂର୍ବରୁ ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ମୂର୍ଦ୍ଧନ୍ୟ ପଣ୍ଡିତ ପଞ୍ଜିକା ସ୍ୱୀକୃତିକୁ ସେମାନଙ୍କର ସ୍ୱାଭିମାନ ଭାବରେ ଗ୍ରହଣ କରୁଥିଲେ। ଲୋକଙ୍କ ଆସ୍ଥା ମଧ୍ୟ ହାସଲ କରୁଥିଲେ। କିନ୍ତୁ ସମୟକ୍ରମେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପଣ୍ଡିତ ଶୂନ୍ୟ ହୋଇଥିବା ସତ୍ତ୍ୱେ ଲୋକଙ୍କ ଭାବାବେଗକୁ ପୁଞ୍ଜି କରି ଏବଂ ଅର୍ଥ ରୋଜଗାର ପାଇଁ ଯେଉଁ ସ୍ୱୀକୃତି ଦିଆଗଲା, ତାହା କେବଳ ଔପଚାରିକ ହେଲାନାହିଁ ବରଂ କ୍ରମାଗତ ଭାବରେ ତାହା ତ୍ରୁଟିପୂର୍ଣ୍ଣ ହେଲା। ଗୋଟିଏ ସୂର୍ଯ୍ୟ ପରାଗ ସହ ଚନ୍ଦ୍ର ଗ୍ରହଣ ମହାଶିବରାତ୍ରି ପରି ପର୍ବ ପାଳନର ଭିନ୍ନ ଦିଗ ଦର୍ଶାଯିବାରୁ ଓଡ଼ିଶାର ପର୍ବ ସର୍ବଭାରତୀୟ ପର୍ବପାଳନରୁ ବିଚ୍ୟୁତ ହେଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ସେଇ ତ୍ରୁଟି ପୂର୍ଣ୍ଣ ପଞ୍ଜିକାକୁ ପାରମ୍ପରିକ ଗଣନା ବୋଲି କୁହାଯାଉଛି।

## ଶଙ୍କରାଚାର୍ଯ୍ୟଙ୍କ ଉଦ୍ୟମ:

ପଞ୍ଜିକାରେ କ୍ରମବର୍ଦ୍ଧିଷ୍ଣୁ ତ୍ରୁଟି ସର୍ବଭାରତୀୟ ସ୍ତରରେ ଆଲୋଚନା ହେବାରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସ୍ଥାୟୀ ସଭାପତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ କିଛି ସମାଧାନ ପାଇଁ ତାଙ୍କ ପୀଠ ଗୋବର୍ଦ୍ଧନ ମଠରେ ସମସ୍ତ ପଞ୍ଜିକାକାରଙ୍କ ଏକାଧିକବାର ବୈଠକ କଲେ। ମାତ୍ର ପଞ୍ଜିକାରେ ଐକ୍ୟ ପାଇଁ ବୈଠକରେ ଆଲୋଚନା ହେଉଥିବାବେଳେ କିଛି ପଞ୍ଜିକାକାର ଯେଉଁମାନେ କେବଳ ବ୍ୟବସାୟିକ ସଫଳତା ପାଇଁ ପଞ୍ଜିକା ପ୍ରକାଶ କରନ୍ତି, ସେମାନେ ଆଗରୁ ପଞ୍ଜିକା ଛପାଇ ଶଙ୍କରାଚାର୍ଯ୍ୟଙ୍କୁ ବିଭ୍ରାନ୍ତ କରାଇବା ସହ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମ୍ପାଦକ ସେମାନଙ୍କୁ ସ୍ୱୀକୃତି ପତ୍ର ଦେବା ମଧ୍ୟ ଶଙ୍କରାଚାର୍ଯ୍ୟଙ୍କ ଦୃଷ୍ଟିକୁ ଆସିବାପରେ ସେ କ୍ଷୁବ୍ଧ ହୋଇ ସେଥିରୁ ବିରତ ରହିଲେ ଏବଂ ପରେ ପଞ୍ଜିକାକାର ବେଲଗାମ ହୋଇଯିବା ସହ ମୁକ୍ତିମଣ୍ଡପ ପଣ୍ଡିତ ସଭା ମଧ୍ୟ କେବଳ ଅର୍ଥ ବିନିମୟରେ ପଞ୍ଜିକା ସ୍ୱୀକୃତି ଦେବାରୁ ପଞ୍ଜିକାରେ ଅନେକ ପର୍ବ ପାଳନ ଦିନରେ ଭିନ୍ନତା ଦେଖିବାକୁ ମିଳୁଛି। ଏଠାରେ ପ୍ରକାଶଯୋଗ୍ୟ ଯେ କାର୍ଯ୍ୟକାଳ ନଥାଇ କୌଣସି ପର୍ବ ପାଳନ ନିରର୍ଥକ ହୋଇଥାଏ। ଏବଂ ଧାର୍ମିକ ଅପରାଧ ମଧ୍ୟ ହୋଇଥାଏ। ଏହା ସତ୍ୟ







ଯେ ପଠାଣି ସାମନ୍ତଙ୍କ ଦ୍ୱାରା ପ୍ରସ୍ତୁତ ସିଦ୍ଧାନ୍ତ ଦର୍ପଣ ଅନୁସାରେ ବୀଜ ସଂସ୍କାର ହେଉ ନଥିବାରୁ ରାଷ୍ଟ୍ରୀୟ ପଞ୍ଚାଙ୍ଗ ଠାରୁ ଓଡ଼ିଶାରେ ପ୍ରକାଶିତ ପଞ୍ଜିକାରେ ପଞ୍ଚାଙ୍ଗ ଗଣନାରେ ନିୟମିତ ତ୍ରୁଟି ରହୁଛି। ତିଥି ବ୍ୟାପ୍ତିର ଭିନ୍ନତା ଶ୍ରାଦ୍ଧ ପୁଷ୍କର ଦୋଷ ଓଁ ପର୍ବ ନିର୍ଣ୍ଣୟକୁ ପ୍ରଭାବିତ କରିଥାଏ। ମୁକ୍ତିମଣ୍ଡପ ପଣ୍ଡିତ ସଭାରେ କୌଣସି ଦକ୍ଷ ଜ୍ୟୋତିର୍ବିଦ ନଥିବାରୁ ତାହା ତ୍ରୁଟିପୂର୍ଣ୍ଣ ପଞ୍ଜିକାକାରଙ୍କ ପାଇଁ କଙ୍କଡ଼ାକୁ ଗୋଳିପାଣି ସୁହାଇଲା ଭଳି ହେଉଛି। ଏ ସମ୍ପର୍କରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ସପ୍ରମାଣ ତଥ୍ୟ ପ୍ରକାଶ ପାଉଛି।

କିଛି ବର୍ଷତଳେ ଶ୍ରୀଜଗନ୍ନାଥ ଙ୍କ ମନ୍ଦିରରେ ପାଳିତ ହେଉଥିବା ପର୍ବରେ ଭିନ୍ନ ଭିନ୍ନ ଦିନ ବିଭିନ୍ନ ପଞ୍ଜିକାରେ ଦର୍ଶାଯିବାରୁ କିଛି ବର୍ଷ ଧରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହେଉଛି। କିନ୍ତୁ ସେଠାରେ ପଞ୍ଚାଙ୍ଗର ଗାଣିତିକ ବା ରାଷ୍ଟ୍ରୀୟ ପଞ୍ଚାଙ୍ଗ ନିର୍ଣ୍ଣିତ କୌଣସି ତଥ୍ୟ ଗ୍ରହଣ କରାନଯାଇ ମୁକ୍ତିମଣ୍ଡପ ପଣ୍ଡିତ ସଭା ନିର୍ଣ୍ଣିତ ତଥ୍ୟ ଗ୍ରହଣ କରାଯାଉଥିବାରୁ କୌଣସି ଅଗ୍ରଣୀ ପଞ୍ଜିକାକାର ତଥା ଦକ୍ଷତା ଥିବା ଗଣକ ସେଇ ବୈଠକକୁ ଯାଉନାହାନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ ଆଗେ ପଞ୍ଜିକା ମାନଙ୍କରେ ଦର୍ଶିତ ପୁରୀରେ ସୂର୍ଯ୍ୟ ଉଦୟ ସମୟ ବୋଲି ସମସ୍ତ ପଞ୍ଜିକାକାର ମାନେ ଦର୍ଶାଉଥିଲେ ମଧ୍ୟ ସେଥିରେ ଭିନ୍ନତା ରହୁଥିଲା। ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନେକ ପଞ୍ଜିକାକୁ ସ୍ୱୀକୃତି ପ୍ରଦାନ କରୁଥିବାରୁ ପଞ୍ଜିକା ମାନଙ୍କରେ ଦର୍ଶିତ ସମୟର ହାରାହାରି ସମୟ ନିର୍ଦ୍ଧାରଣ କରି ତାହା

ସୂର୍ଯ୍ୟଙ୍କ ମଧ ବିନ୍ଦୁ ଦର୍ଶନ ସମୟ ବୋଲି କପୋଳକଳ୍ପିତ ମନ୍ତବ୍ୟ ଅନେକ ଅଗ୍ରଣୀ ପଞ୍ଜିକାକାର ଗ୍ରହଣ କରୁନାହାନ୍ତି। କାରଣ ବିଷ୍ଣୁ ପୁରାଣରେ ସ୍ପଷ୍ଟ ଭାବରେ ସୂର୍ଯ୍ୟଙ୍କ ଶୀର୍ଷବିନ୍ଦୁ ଉଦୟ ଓ ଅସ୍ତକୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟ ବୋଲି ଲିଖିତ ଅଛି। କିନ୍ତୁ ବ୍ୟବସାୟିକ ସଫଳତା ପାଇଁ କିଛି ପଞ୍ଜିକାକାର ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତି ଚାଲୁଥିବାରୁ ଏହାକୁ ଗ୍ରହଣ କରୁଛନ୍ତି। ଏହା ମଧ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ନିଜର ଉତ୍ତର ଦାୟିତ୍ୱ ମୁକ୍ତିମଣ୍ଡପ ପଣ୍ଡିତ ସଭା ଉପରେ ନ୍ୟସ୍ତ କରିଦେଉଛି। ଫଳତଃ ସାଧାରଣ ଜନତାଙ୍କ ଧର୍ମଭାବନା ପ୍ରଭାବିତ ହେଉଛି।


ପଞ୍ଜିକା ଓ କ୍ୟାଲେଣ୍ଡର :

ଆମର ପଞ୍ଜିକା ଓଡ଼ିଆ ନବବର୍ଷରୁ ପ୍ରଚଳିତ ହେଉଥିବା କିଛି ପଞ୍ଜିକା ପ୍ରକାଶକ ଇଂରାଜୀ ନୂଆବର୍ଷରୁ କ୍ୟାଲେଣ୍ଡର ଛପାଇ ତାହାକୁ ସଂକ୍ଷିପ୍ତ ପଞ୍ଜିକା ଭାବରେ ବିକ୍ରି କରିବା ଦ୍ୱାରା ସେମାନେ ଯଥେଷ୍ଟ ଆର୍ଥିକ ଲାଭ କରୁଛନ୍ତି। କାରଣ ପଞ୍ଜିକା ହଜାର ସଂଖ୍ୟାରେ ବିକ୍ରି ହେଉଥିବା ବେଳେ କ୍ୟାଲେଣ୍ଡର ଲକ୍ଷ ସଂଖ୍ୟାରେ ବିକ୍ରି ହୁଏ। ସେଥିରେ ଦର୍ଶିତ ପର୍ବ ଯେତେବେଳେ ସେଇ ପ୍ରେସ ପଞ୍ଜିକା ସଂଶୋଧନ ହୁଏ ତାହା ଭିନ୍ନ ଦିନରେ ନିର୍ଣ୍ଣୟ ହେଉଥିବାରୁ ଲୋକମାନେ ବିଭ୍ରାନ୍ତିର ଶିକାର ହୁଅନ୍ତି। ଏହାକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ମୁକ୍ତିମଣ୍ଡପ ପଣ୍ଡିତ ସଭା ବା ସରକାର ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଦ୍ୱାରା ଲୋକମାନେ ଧାର୍ମିକ ସଙ୍କଟରେ ପଡୁଛନ୍ତି। ଏହାର ନିରାକରଣ ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ ନକଲେ ରାଜ୍ୟର ପଞ୍ଜିକା ଅନୁସରଣକାରୀ ବିଭ୍ରାନ୍ତ ହେଉଛନ୍ତି। ଏହା ସତ୍ୟ ଯେ ଆମର ପ୍ରତ୍ୟେକ ଧର୍ମକାର୍ଯ୍ୟରେ ରାଷ୍ଟ୍ରର ମଙ୍ଗଳ ପାଇଁ କାମନା କରାଯାଏ। ତେଣୁ ଅସମୟରେ ପର୍ବାଦି ପାଳନ ପ୍ରକାରାନ୍ତରେ ରାଜ୍ୟର ଧାର୍ମିକ କ୍ଷତି ହୁଏ ଏହାକୁ ଅସ୍ୱୀକାର କରାଯାଇ ନପାରେ।

ଓଡ଼ିଶାରେ ପ୍ରଚଳିତ ଅଗ୍ରଣୀ ପଞ୍ଜିକା:

ଅସଲି ଖଡୀରତ୍ନ ପଞ୍ଜିକା, ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, କୋହିନୂର ପ୍ରେସ ପଞ୍ଜିକା, ରାଧାରମଣ ପ୍ରେସର ଜଗନ୍ନାଥ ପଞ୍ଜିକା, ଭାଗ୍ୟଜ୍ୟୋତି ପ୍ରେସର ଖଡୀରତ୍ନ ପଞ୍ଜିକା, ପରମେଶ୍ୱରୀ ପଞ୍ଜିକା, ଶ୍ରୀକ୍ଷେତ୍ର ଖଡୀରତ୍ନ ପଞ୍ଜିକା, ଭାଗ୍ୟଦୀପ ପ୍ରେସ ପଞ୍ଜିକା, ଜିଏନ୍ ତ୍ରିପାଠୀ ପଞ୍ଜିକା ଶାରଳା ପଞ୍ଜିକା, ନୃସିଂହ ପଞ୍ଜିକା, ଧର୍ମଗ୍ରନ୍ଥ ଷ୍ଟୋର ପ୍ରକାଶିତ ନୂତନ ଖଡୀରତ୍ନ ପଞ୍ଜିକା ଏବଂ ବୃହତ ଖଡୀରତ୍ନ ପଞ୍ଜିକା, ସମ୍ବାଦ ପ୍ରେସର ଆମ ପାଞ୍ଜି ଇତ୍ୟାଦି।

-୧୧୩- ଗୁଣ୍ଡିଚା ବିହାର, ପୁରୀ
ମୋ- ୭୯୭୮୭୮୫୪୭୮




## ମନକୁ ଆସିଲା ଯାହା ୫୫

# ଯୁବବର୍ଗ : ସ୍ୱପ୍ନ ଓ ସମ୍ଭାବନା



ସୌମ୍ୟଶ୍ରୀ ପାଣିଗ୍ରାହୀ

ସ୍ଥାନ - ଚେନ୍ନାଇ, ସମୟ - ରାତି ପ୍ରାୟ ୩ଟା। ତୁରନ୍ତ ଘରେ ନେଇ ଚାହିଦା ମୁତାବକ ଜିନିଷ ପହଞ୍ଚାଉ ଥିବା ସଂସ୍ଥା 'ବ୍ଲିଂକିଟ' ନିକଟରେ ଏକ ଅର୍ଡର ପହଞ୍ଚିଲା। '୩ ପ୍ୟାକେଟ ମୁଷା ବିଷ'। ଦୈନିକ ଲକ୍ଷ ଲକ୍ଷ ଅର୍ଡର ଡେଲିଭରୀ କରୁଥିବା ଏହି ସଂସ୍ଥାପାଇଁ ଏହା ଏକ ସାମାନ୍ୟ ଅର୍ଡର ମାତ୍ର। ତୁରନ୍ତ ଏହାର ରସିଦ ବନିଲା ଓ ଡେଲିଭରୀ ଦେବା ପାଇଁ ଲୋକଟିଏ ବାହାରିଗଲା। ମାତ୍ର ୧୦-୨୦ ମିନିଟ ମଧରେ ଏସବୁ ଗତାନୁଗତିକ ଭାବେ ଯାନ୍ତ୍ରିକ ଢଙ୍ଗରେ ଘଟିଗଲା। ମାତ୍ର ଏହା ପରେ ଯାହା ଘଟିଲା ତାହା ହିଁ ଏ ଘଟଣା ଅବତାରଣା କରିବାର ମୁଖ୍ୟ ଉଦ୍ଦେଶ୍ୟ। ଯେତେବେଳେ ଯେ ଡେଲିଭରି ବୟ ଯାଇ ଘର ପାଖରେ ପହଞ୍ଚିଲେ, ସେ ଦେଖିଲେ ଯେ ଅର୍ଡର ଗ୍ରହଣ କରୁଥିବା ଯୁବତୀ ଜଣକ କାନ୍ଦୁଛନ୍ତି। ମନରେ ସନ୍ଦେହ ଉପୁଜିଲା। ଏହା ତାଙ୍କ ପାଇଁ ସାମାନ୍ୟ ଘଟଣା ନଥିଲା। ରାତି ୩ ଟାରେ କେହି ମୁଷାବିଷ ମଗେଇବା ତ' ଅସ୍ୱାଭାବିକ, କିନ୍ତୁ ତା' ଠୁଁ ଆହୁରି ଅଧିକ ଅସ୍ୱାଭାବିକ ତାଙ୍କର କାନ୍ଦିବା। ସେ ବିନା ଦ୍ୱିଧାରେ ପଚାରିଲେ, 'ଆପଣ ଏହି ବିଷ ଆତ୍ମହତ୍ୟା କରିବା ପାଇଁ ମଗେଇଛନ୍ତି କି ?' ଯୁବତୀ ଜଣକ ମନାକଲେ। ମାତ୍ର ଯେ ନଛୋଡବନ୍ଧା। 'ଆପଣ ରାତି ୮ ଟାରେ ମଗେଇ ପାରିଥାନ୍ତେ ନହେଲେ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରି ପାରିଥାନ୍ତେ, ମାତ୍ର ରାତି ୩ଟାରେ ମୁଷାବିଷ..ପୁଣି ଆପଣ କାନ୍ଦୁଛନ୍ତି..!!'

ଏଥର ଯୁବତୀ ଜଣକ ସତ ମାନିଗଲେ। କିଛି ଘରୋଇ କାରଣ ଯୋଗୁଁ ସେ ମାନସିକ ସ୍ତରରେ ଦୁର୍ବଳ ହୋଇପଡିଛନ୍ତି ବୋଲି କହିଲେ। ଏ ଡେଲିଭରୀ ବୟ ଜଣକ ତାଙ୍କୁ ବୁଝେଇ ସୁଝେଇ ଅର୍ଡର କ୍ୟାନସଲ କରି ସେଠୁଁ ଫେରି ଆସିଲେ। ଯଦି ରୋବଟ ଦ୍ୱାରା ଡେଲିଭରି କରାଯାଉଥା'ନ୍ତା ତେବେ ହୁଏତ ସେ ଏତେ କଥା ଭାବି ନଥାନ୍ତା। ଡେଲିଭରୀ କରି ପଇସା ନେଇ ଚାଲିଆସିଥାନ୍ତା ଏବଂ ତା'ପରେ ହୁଏତ ଏକ ଆତ୍ମହତ୍ୟା ରୁପକ ଦୁର୍ଘଟଣାରେ ଝରି ପଡିଥାନ୍ତା ୩ଟି ସୁନ୍ଦର ଜୀବନ। କେବଳ ଏକ ଡେଲିଭରୀ ବୟର ସାମାନ୍ୟ ଟିକିଏ ମାନବୀୟ ସଂବେଦନା ଓ ହୃଦୟର ନିଷ୍ପତ୍ତି ଯୋଗୁଁ ବଞ୍ଚିଗଲା ଏକ ପରିବାର। ଏବେ ଇଣ୍ଟରନେଟରେ ସେ ଡେଲିଭରୀ ବୟଙ୍କୁ ଅନେକ ବାହାବା ମିଳୁଛି।

ଆଉ ଏକ ଘଟଣା ଦିଲ୍ଲୀ ନିକଟସ୍ଥ ନୋଇଡାର। ୨୫ ବର୍ଷୀୟ ଯୁବକ ଯୁବରାଜ ମେହଟା ରାତିର ଘନ କୁହୁଡିରେ ରାସ୍ତା ଜାଣି ନପାରି ନିଜ କାର ସହ ଗଳିପଡିଲେ ଏକ ମୁକୁଳା ଡ୍ରେନରେ। ବର୍ଷ ବର୍ଷ ଧରି ମଇଳାପାଣି ଓ ଅଳିଆ ଜମା ହୋଇ ରହିଥିଲା ସେ ଗାତରେ। ଯୁବରାଜ ନିଜ ପିତାଙ୍କୁ ଫୋନ କରି ଆର୍ତ୍ତ ଚିତ୍କାର କଲେ, ବଞ୍ଚେଇଦେବାକୁ ଆକୁଳ ପ୍ରାର୍ଥନା କଲେ। ପିତା ରାଜକୁମାର ମେହଟା ପହଞ୍ଚିବା ପୂର୍ବରୁ କିନ୍ତୁ କାମରେ ଲାଗିଯାଇଥିଲେ ସ୍ଥାନୀୟ ଯୁବକମାନେ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦଳ (ଏନଡିଆରଏଫ) ମଧ ପହଞ୍ଚି ସାରିଥିଲା। ସମସ୍ତଙ୍କ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ବଞ୍ଚେଇ ହେଲା ନାହିଁ ଯୁବରାଜଙ୍କୁ। କୁହୁଡି ଭିତରୁ ଖାଲି ଦିଶୁଥିଲା ତାଙ୍କ ମୋବାଇଲ ଟର୍ଚ୍ଚଲାଇଟ। କିନ୍ତୁ ଯେଉଁ ଯୁବକମାନେ ଏତେ ରାତିରେ ଶୀତ କୁହୁଡିକୁ ଖାତିର ନକରି ଆଗେଇ ଆସିଥିଲେ ସାହାଯ୍ୟ କରିବାକୁ, ସେମାନେ କେହି ଯୁବରାଜଙ୍କର ଭାଇ ବନ୍ଧୁ କୁଟୁମ୍ବ ନଥିଲେ। କେବଳ ମାତ୍ର ମାନବୀୟ ସଂବେଦନାର ଦାୟରେ ଧାଇଁ ଆସିଥିଲେ ବୁଡି ଯାଉଥିବା ଗୋଟିଏ ଜୀବନକୁ ବଞ୍ଚେଇବେ ବୋଲି।

କ୍ରିକେଟର ରିଷଭ ପନ୍ତଙ୍କ କାର ଯେତେବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ସେତେବେଳେ ମଧ ଏକ ଯୁବା ବୟସର ବସ ଚାଳକ ତାଙ୍କ ନିକଟରେ ପହଞ୍ଚି ତାଙ୍କୁ ହାସପାତାଳ ପହଞ୍ଚେଇବାରେ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ। ଆପଣ ବାହାନଗା ରେଳ ଦୁର୍ଘଟଣା ଦେଖନ୍ତୁ କିମ୍ବା ଯେକୌଣସି ଅଘଟଣ ଦେଖନ୍ତୁ, ସବୁଠାରୁ ପ୍ରଥମେ ଦେବଦୂତ ସାଜି ପହଞ୍ଚିଥିବେ ସ୍ଥାନୀୟ ଯୁବକମାନେ। ପୁଲିସ, ପ୍ରଶାସନ, ଉଦ୍ଧାରକାରୀ ଦଳ, ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ପ୍ରଶିକ୍ଷିତ ପେସାଦାର ଉଦ୍ଧାରକାରୀମାନେ ପହଞ୍ଚିବା ପୂର୍ବରୁ ଏହି ଯୁବକ ମାନେ ହିଁ ଆରମ୍ଭ କରିସାରିଥାନ୍ତି ନିଜ ନିଜ ସ୍ତରରେ ପ୍ରଚେଷ୍ଟା। ଏମାନେ ବିପଦକୁ ଖାତିର କରନ୍ତି ନାହିଁ କି ଅପେକ୍ଷା କରନ୍ତି ନାହିଁ ସରକାରୀ ପ୍ରୋତ୍ସାହନ/ପୁରସ୍କାରକୁ। ନିଜ ହୃଦୟର ଡାକରାରେ ଏମାନେ ମାଡିଯାଆନ୍ତି ଆଉ ଏକ ଜୀବନ ବଞ୍ଚେଇବା ପାଇଁ। ଏମାନେ ପରା ଯୁବକ..!! ଏମାନେ କିଛି ବି କରିପାରିବେ। ଏମାନେ ଅଦମ୍ୟ ସାହସ, ଅସରନ୍ତି ଇଚ୍ଛାଶକ୍ତି ଓ ଅଫୁରନ୍ତ ଉତ୍ସାହର ଉର୍ଜ୍ଜାବାନ ପ୍ରତୀକ। ଏମାନେ ଆତ୍ମଗର୍ବରେ ଉତଫୁଲ୍ଲିତ ନୁହନ୍ତି କିମ୍ବା ଆତ୍ମାଭିମାନ ରେ ବିମୋହିତ ନୁହନ୍ତି। ଏମାନେ କେବଳ ଟିକେ ସ୍ନେହ, ପ୍ରେମ ଭଲପାଇବା ନହେଲେ ସଂବେଦନାର ବଶବର୍ତ୍ତୀ ହୋଇ କୁଦିପଡନ୍ତି ଅସମ୍ଭବକୁ ସମ୍ଭବ କରିବା ପାଇଁ, ଏମାନେ ପରା ଯୁବକ..!!

ଆଜି ସାରା ଦେଶରେ ପାଳିତ ହେଉଛି ଜାତୀୟ ଭୋଟର (ମତଦାତା) ଦିବସ। ଦେଶଗଠନରେ ନିଜର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ସ୍ୱରୁପ ସାବାଳକ ମତଦାନ ଅଧିକାର ସାବ୍ୟସ୍ତ କରିବାର ସୁନ୍ଦର ଅନୁଭୁତିକୁ ଉତ୍ସବ ମନେଇବାର ଦିନଟିଏ। ଖାଲି କ'ଣ ମତଦାନ କରିଦେଲେ ଯୁବକର ଦାୟିତ୍ୱ ସରିଗଲା କି ? ନାଁ, ଆପଣ ଯେତେ କ୍ଷେତ୍ର ଦେଖନ୍ତୁ ସେଥିରେ ଯୁବବର୍ଗରୁ ଯୋଗଦାନ ସବୁଠାରୁ ଅଧିକ ଥିବ । ସେଇଥି ପାଇଁ ତ' ବାର୍ଷିକ ବଜେଟରେ ମଧ ଜିଡିପିର କଥା ଉଠିଲାବେଳେ ଡେମୋଗ୍ରାଫିକ ଡିଭିଡେଣ୍ଡ (ବୟସାନୁପାତିକ ଲାଭାର୍ଥୀ)ର କଥା ବି ଉଠେ। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଭାରତରେ ଯୁବବର୍ଗର ସଂଖ୍ୟା ବିଶ୍ୱରେ ସର୍ବାଧିକ । ଏଣୁ ଏପରି ଏକ ଅମାପ ଶକ୍ତି ଭଣ୍ଡାରକୁ ନେଇ ଭାରତର ଭବିଷ୍ୟତ ଖୁବ ଉଜ୍ଜଳ। ଏଇ ନିକଟରେ ଯାଇଛି ଜାନୁୟାରୀ ୧୨ରେ ଜାତୀୟ ଯୁବଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ପୁଣି ନେତାଜୀଙ୍କର ଜନ୍ମ ଜୟନ୍ତୀ ବି ପାଳିଛୁ ଆମେ ୨୩ ଜାନୁୟାରୀରେ। ଏଥିସହ ଶହୀଦ ଖୁଦୀରାମ ବୋଷଙ୍କର ବଳୀଦାନ ଦିବସ ବି ପାଳିଛୁ ଗତ ସପ୍ତାହରେ। ଏମାନେ ସମସ୍ତେ ନିଜର ଯୁବସୁଲଭ ଉଦ୍ଧାମତା ପାଇଁ ଆମର ପ୍ରେରଣାର ଉତ୍ସ ନୁହେଁ କି ? ଏମାନଙ୍କୁ ଆମ ଭିତରୁ କେଇ ଜଣ ଆଦର୍ଶ ଭାବେ ଗ୍ରହଣ କରିଛନ୍ତି..??

ଏବେ କେହିଜଣେ ପଚାରୁଥିଲେ ଯୁବକ କିଏ ? ଅନ୍ୟଜଣେ ଉତ୍ତର ଦେଲେ ସୁନ୍ଦର କଥାଟିଏ। ଯୁବକ ଶବ୍ଦଟିରେ ହିଁ ଲୁଚିରହିଛି ଯୁବକର ଅର୍ଥ। 'ଯ' ରେ ଯୋଡେ, 'ବ'ରେ ବଢେ ଓ 'କ' ରେ କାଢେ। ଅର୍ଥାତ ଯୁବକଟିଏ ସଂପର୍କକୁ ଯୋଡେ, ସଭ୍ୟତାକୁ ଯୋଡେ, ନୂଆ ବାଟ ଦେଖାଏ ସମାଜକୁ। ଯୁବକଟିଏ ବଢେ ନିଜ ଆଦର୍ଶରେ, ନିଜ ଲକ୍ଷ୍ୟପଥରେ ଆଉ ନିଜ ସାଙ୍ଗରେ ପାଦ ପକେଇବାକୁ ସାଙ୍ଗରେ ଧରିଚାଲେ ଆହୁରି ଅନେକଙ୍କୁ, ଆଗକୁ ବଢେ। ପୁଣି ଯୁବକଟିଏ କାଢେ, ଖୋଜେ ନୂଆ ନୂଆ ବାଟ, ତିଆରି କରେ ଜଟିଳରୁ ଜଟିଳତର ସମସ୍ୟାର ସହଜ ସରଳ ସମାଧାନର ବାଟ। ସେଇଥି ପାଇଁ ତ କେବଳ ୧୮ ରୁ ୩୫ ବର୍ଷ ଭିତରେ ସୀମିତ ନୁହେଁ ଯୁବବର୍ଗ। ବରଂ ମୁଁ ତ' କହିବି ୭ ରୁ ୭୦ ଯାଏଁବି ଯାହାର ବୟସ ଯେତେ ହେଇଥାଉ ଯଦି ସେ ଯୁବସୁଲଭ ଚିନ୍ତା କରିବାରେ ସମର୍ଥ ତେବେ ସେ ଯୁବବର୍ଗରେ ଗଣାଯିବାକୁ ଯୋଗ୍ୟ ।

ଏବେ ନେପାଳ ଓ ବାଲାଂଦେଶରେ ଯୁବବର୍ଗଙ୍କର ଭୂମିକା ତ ଆପଣ ଦେଖୁଛନ୍ତି। ଜେନ ଜେଡ ଓ ଜେନ ଜି (ଆଲଫା) ଭାବରେ ନାମିତ ଏବର ଯୁବଗୋଷ୍ଠୀ ଗୋଟେ ଦେଶର ସତ୍ତା ପରିବର୍ତ୍ତନ କରିଦେବାର ସକ୍ଷମ। ନିକଟ ଅତୀତରେ ମରକ୍କୋ, ଶ୍ରୀଲଙ୍କା ଓ ମାଡାଗାସ୍କରରେ ମଧର ଦେଶର ଆଭ୍ୟନ୍ତରୀଣ ସ୍ଥିତିକୁ ନେଇ ଯୁବଗୋଷ୍ଠୀଙ୍କର ନିଆରା ପ୍ରତିବାଦର ସ୍ୱର ଆମେ ଦେଖିଛୁ। ଏମାନେ ପାରମ୍ପରିକ ବିଦ୍ରୋହ/ବିକ୍ଷୋଭ ନକରି ମଧ ଇଣ୍ଟରନେଟ ମାଧ୍ୟମରେ ଡିଜିଟାଲ ପ୍ରତିବାଦ କରି ନିଜର ପକ୍ଷ ଓ ଯୁକ୍ତି ସାବ୍ୟସ୍ତ କରିବାରେ ସିଦ୍ଧହସ୍ତ। ଏଣୁ ଶେଷକଥା ମୁଁ ଏୟା କହିବି, ଆଜିର ଯୁବଗୋଷ୍ଠୀ ଆଉ ପୁରୁଣାକାଳିଆ ହୋଇନାହିଁ। ନିଜର ଅଧିକାର ସାବ୍ୟସ୍ତ କରିବା ଓ ଆବଶ୍ୟକ ପଡିଲେ ନିଜ ଦମରେ ଛଡେଇ ଆଣିବାର ତାକତ ରଖିଛି। ଏପରି ଆଧୁନିକ ଯୁବଗୋଷ୍ଠୀର ଅସୀମ ଉର୍ଜ୍ଜା, ଅପରିମିତ ସ୍ୱପ୍ନ ଓ ଅପାର ସମ୍ଭାବନାକୁ ଶହେ ସଲାମ..!!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

# ଟ୍ରିକଲର୍ ଫ୍ୟାସନ

**ଅନେକ ଲୋକ ଏହି ଗଣତନ୍ତ୍ର ଏବଂ ସ୍ୱାଧୀନତା ଦିବସରେ ଦେଶଭକ୍ତି ରଙ୍ଗରେ ସ୍ୱତନ୍ତ୍ର ପୋଷାକ ପିନ୍ଧନ୍ତି। ଏଭଳି ପରିସ୍ଥିତିରେ ଆପଣ ମଧ୍ୟ ଏହି ଗଣତନ୍ତ୍ର ଦିବସରେ କିଛି ବିଶେଷ ଏବଂ ଭିନ୍ନ ପିନ୍ଧିବାକୁ ଚାହାଁନ୍ତି, ତେବେ ଫ୍ୟାସନରେ ଆପଣଙ୍କ ଲୁକ୍ ପୁରା ଭାରତୀୟ ପତାକା ରଙ୍ଗରେ ଯୋଡ଼ନ୍ତୁ। ଯେଉଁଥିରେ ମହିଳା ବା ପୁରୁଷମାନେ ଏହି ରଙ୍ଗର ଶାଢ଼ି, କୁର୍ତ୍ତି, ଆସେସୋରିଜ୍, ଦୁପଟ୍ଟା, ବ୍ରୋଚ୍ ଏବଂ ମେକ୍ଅପ୍ ଅନ୍ତର୍ଭୁକ୍ତ କରି ଏକ ଷ୍ଟାଇଲିସ୍ ଲୁକ୍ ପାଇପାରିବେ। ଏହି ଗଣତନ୍ତ୍ର ଦିବସରେ ଆପଣଙ୍କୁ ଏକ ସୁନ୍ଦର ଲୁକ୍ ଦେବା ସହିତ ଦେଶପ୍ରେମର ଭାବନା ମଧ୍ୟ ବଢ଼ାଏ। ଆସନ୍ତୁ ଜାଣିବା ଗଣତନ୍ତ୍ର ଦିବସର ତ୍ରିରଙ୍ଗା ଆଉଟ୍ଫିଟ୍ ଥିମ୍ ବିଷୟରେ।**

## ଟ୍ରିକଲର୍ ପୋଷାକ

ତ୍ରିରଙ୍ଗାର ତିନୋଟି ରଙ୍ଗକୁ ମିଶାଇ ଆପଣ ବହୁତ ସୁନ୍ଦର ଡ୍ରେସ୍ ଲୁକ୍ ସୃଷ୍ଟି କରିପାରିବେ। ବଜାରରେ ତ୍ରିକଲର୍ ଶାଢ଼ି, କୁର୍ତ୍ତି, ଟି-ସାର୍ଟ ଏବଂ ଦୁପଟ୍ଟା ସହଜରେ ଉପଲବ୍ଧ। ଯେଉଁଥିରେ ଝିଅମାନେ ଧଳା ପୋଷାକ ସହିତ ତ୍ରିକଲର୍‌ର ଦୁପଟ୍ଟା ପକାଇ ଗଣତନ୍ତ୍ର ଦିବସର ସଂପୂର୍ଣ୍ଣ ଲୁକ୍ ପାଇପାରିବେ। ସେହିଭଳି ପୁରୁଷମାନେ ମଧ୍ୟ ଧଳା ପାଇଜାମା କିମ୍ବା ଜିନ୍ସ ସହିତ କମଳା କିମ୍ବା ସବୁଜ ରଙ୍ଗର କୁର୍ତ୍ତା ପିନ୍ଧିପାରିବେ।



## ସ୍ଲୋଗାନ ଟି-ସାର୍ଟ

ଆଜିକାଲି ଫ୍ୟାସନ୍‌ରେ ଦେଶପ୍ରେମ ସହ ଜଡ଼ିତ ସ୍ଲୋଗାନ ଭଳି ଟି-ସାର୍ଟ ବଜାରରେ ବହୁତ ଟ୍ରେଣ୍ଡରେ ରହିଛି। ଯେମିତିକି 'ମୁଁ ଭାରତ', 'ବନ୍ଦେ ମାତାରାମ', 'ଜୟ ହିନ୍ଦ୍' ଭଳି ସ୍ଲୋଗାନ ଟି-ସାର୍ଟ ଷ୍ଟାଇଲିସ୍ ଏବଂ ଏକ ବାର୍ତ୍ତା ମଧ୍ୟ ଦେଇଥାଏ। ଏହାକୁ ଧଳା ଜିନ୍ସ, ଟ୍ରାଉଜର କିମ୍ବା ସ୍କର୍ଟ ସହିତ ପିନ୍ଧିପାରିବେ। ଏହି ଗଣତନ୍ତ୍ର ଦିବସ ପାଇଁ ଏହା ଆପଣଙ୍କୁ ଭିନ୍ନ ଏବଂ ଆକର୍ଷଣୀୟ ଲୁକ୍ ଦେବ।

## ତ୍ରିରଙ୍ଗା ଥିମ୍‌ର ଏଥେନିକ୍ ପୋଷାକ

ଗଣତନ୍ତ୍ର ଦିବସ ଅବସରରେ ପାରମ୍ପାରିକ ଆଉଟ୍ଫିଟ୍ ବହୁତ ଭଲ ବିକଳ୍ପ। ଏହି ଦିନ ମହିଳାମାନେ ଧଳା ଶାଢ଼ି, ଅନାରକଲି କିମ୍ବା ସୁଟ୍ ପିନ୍ଧି ଟ୍ରିକଲର୍ ଦୁପଟ୍ଟା ଟ୍ରାଏ କରିପାରିବେ। ସେହିପରି ପୁରୁଷମାନେ କୁର୍ତ୍ତା-ପାଇଜମା କିମ୍ବା କୁର୍ତ୍ତା-ଜିନ୍ସ ସହିତ ପିନ୍ଧନ୍ତୁ। ପୁରୁଷମାନେ ଧଳା କୁର୍ତ୍ତା ସହିତ କମଳା କିମ୍ବା ସବୁଜ ରଙ୍ଗର ସ୍କାର୍ଫ୍ ଏବଂ ଜ୍ୟାକେଟ୍ ପିନ୍ଧିପାରିବେ। ଏହା ଆପଣଙ୍କୁ ବହୁତ ଷ୍ଟାଇଲିସ୍ ଲୁକ୍ ଦେବ।

## ଟ୍ରିକଲର୍ ଆସେସୋରିଜ୍

ଯଦି ଆପଣ ଏକ ସରଳ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି, ତେବେ ମହିଳା ବା ପୁରୁଷମାନେ ଏଥିରେ ଟ୍ରିକଲର୍‌ର ଆସେସୋରିଜ୍‌କୁ ଅନ୍ତର୍ଭୁକ୍ତ କରିବେ। ଯେମିତିକି, ଟ୍ରିକଲର୍ ଚୁଡ଼ି, କାନଫୁଲ, ସ୍କାର୍ଫ କିମ୍ବା ହେୟାର କ୍ଲିପ୍ ପରି କିଛି ଛୋଟ କିନ୍ତୁ ସ୍ୱତନ୍ତ୍ର ଆସେସୋରିଜ୍ ବ୍ୟବହାର କରିପାରିବେ। ପୁରୁଷମାନେ ଟ୍ରିକଲର୍‌ର ବ୍ରେସ୍‌ଲେଟ୍, ବ୍ରୋଚ୍, ଜ୍ୟାଟେକ୍ ପିନ୍ କିମ୍ବା ସ୍କାର୍ଫ କ୍ୟାରି କରିପାରିବେ।





ରୋଷେଇ ଘରୁ

# ସୋୟାବିନ୍ ଗ୍ରୀନ୍ ମଟର



ଆବଶ୍ୟକ ସାମଗ୍ରୀ: ସୋୟାବିନ୍, ଗ୍ରୀନ୍ ମଟର, ପିଆଜ, ରସୁଣ, ଅଦା, କଞ୍ଚାଲଙ୍କା, ଟମାଟୋ, ବେସନ, ଦହି, ଗୋଟା ମସଲା-(ଡାଲଚିନି, ଲବଙ୍ଗ, ତେଜପତ୍ର, ଗୋଲମରିଚ, ଅଳେଇଚ, ଚକ୍ରଫୁଲ, ଗୁଜୁରାତି, ଜିରା), ହଳଦୀ ପାଉଡ଼ର, କାଶ୍ମିରୀ ଚିଲ୍ଲି, ଧନିଆ ପାଉଡ଼ର, ଜିରା ପାଉଡ଼ର, ଗରମ ମସଲା, କସ୍ତୁରୀ ମେଥି, ଲୁଣ, ସୋରିଷ ତେଲ, ଧନିଆପତ୍ର।

ପ୍ରଣାଳୀ: ପ୍ରଥମେ ପ୍ୟାନ୍‌ରେ ପାଣି ଫୁଟିଇ ସେଥିରେ ଅଦା-ରସୁଣ ଛେଚା ଅଳ୍ପ, କଟା ଧନିଆପତ୍ର, ଲୁଣ ଓ ସୋୟାବିନ୍‌କୁ ପକାଇ ଫୁଟାଇବେ। ଏହାକୁ ଛାଣି ଗୋଟିଏ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ। ପିଆଜକୁ ଭାଜି ଡ୍ରାଏ କରିନେବେ। ଗିନାରେ ସୋୟାବିନ୍‌କୁ ଚିପୁଡ଼ି ରଖିବେ ଏବଂ ସେଥିରେ ହଳଦୀ, କାଶ୍ମିରୀ ଚିଲ୍ଲି, ଜିରା ପାଉଡ଼ର, ଧନିଆ ପାଉଡ଼ର, ଗରମ ମସଲା, କସ୍ତୁରୀ ମେଥି, ଲୁଣ, ବେସନ, ଦହି ଓ ଭାଜି ରଖିଥିବା ପିଆଜକୁ ଭଲ ଭାବେ ମିଶାଇ ମ୍ୟାରିନେଟ୍ କରି ୧୦ରୁ୧୨ ମିଟିନ୍ ରଖିବେ। ଅଦା, ରସୁଣ, କଞ୍ଚାଲଙ୍କା, ଧନିଆ ନାଡ଼ ଏବଂ ଟମାଟୋକୁ ଗ୍ରାଇଣ୍ଡିଂ କରନ୍ତୁ। ପ୍ୟାନ୍‌ରେ ତେଲ ଗରମ ହେଲେ ସେଥିରେ ଗୋଟା ମସଲା ସହ କାଟି ରଖିଥିବା ପିଆଜକୁ ଦେଇ ଭାଜିବେ। ପିଆଜ ହାଲୁକା ବ୍ରାଉନ୍ କଲର୍ ହେଲେ ସେଥିରେ ହଳଦୀ, କାଶ୍ମିରୀ ଚିଲ୍ଲି, ଗ୍ରାଇଣ୍ଡିଂ କରିଥିବା ମସଲା ଓ ଲୁଣ ଦେଇ କଷନ୍ତୁ। ଏହି ମସଲାରେ ଗ୍ରୀନ୍ ମଟର ପକାଇ ୪ରୁ୫ ମିନିଟ୍ କଷିବେ। ସେଥିରେ ମ୍ୟାରିନେଟ୍ କରିଥିବା ସୋୟାବିନ୍‌କୁ ହାଲୁକା କଷିବା ପରେ ଗରମ ପାଣି ଦେଇ କିଛି ସମୟ ଫୁଟାନ୍ତୁ। ସେହିପରି ମସଲା ଗ୍ରେଭି ହେଇ ଆସିଲେ ଗ୍ୟାସ୍ ବନ୍ଦ କରି ଧନିଆପତ୍ର ପକାଇବେ। ଶେଷରେ ଏହି ସୋୟାବିନ୍ ଗ୍ରୀନ୍ ମଟର ତରକାରିକୁ ଭାତ, ରୁଟି, ପରଟା ସହିତ ଖାଇବା ପାଇଁ ଦେଇପାରିବେ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** ସପ୍ତାହଟି ଶାରୀରିକ ଅସୁସ୍ଥତା ଓ କର୍ମକ୍ଷେତ୍ରରେ ନାନା ସମସ୍ୟା ଦେଖାଦେବ। ବିଦ୍ରୋହର ସୂଚନା ମିଳେ। ନିଧନ ଭୟର ଆଶଙ୍କା ରହିଛି। ପାରିବାରିକ ଜୀବନ ବ୍ୟୟବହୁଳ ଓ ଅଶାନ୍ତି ହେବ। ପ୍ରତିକାର: ଦୁର୍ଗାଙ୍କ ପୂଜାର୍ଚ୍ଚନା କରଣୀୟ।

**ବୃଷ** ସପ୍ତାହଟିରେ ଉତ୍ତମ ଫଳ ରହିଛି। ସୁଖ ସମ୍ମାନ ମିଳିବ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ଆୟ ଅବ୍ୟାହତ ରହିବ ଓ ସଞ୍ଚୟ ଯୋଗ। ପ୍ରୀତିଲାଭ ଓ ବନ୍ଧୁମିଳିନ ଘଟିବ। ପାରିବାରିକ ଜୀବନ ଭୋଗବିଳାଶରେ କଟିବ।
ପ୍ରତିକାର: ଶନି ଚାଳିଶା ପାଠ କରନ୍ତୁ।

**ମିଥୁନ** ସପ୍ତାହଟି ଉତ୍ସାହିତ ହେବେ। ସାହାଯ୍ୟ ଓ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ସାଫଲ୍ୟତା। ଆୟ ଅବ୍ୟାହତ ରହିବ। ପାରିବାରିକ ଜୀବନ ସ୍ୱଚ୍ଛଳତାରେ କଟିବ। ଭ୍ରାତୃବିବାଦର ସୂଚନା ମିଳେ। ପ୍ରତିକାର: କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ।

**କର୍କଟ** ସପ୍ତାହଟି ବ୍ୟାକୁଳତାରେ କଟିବ। ମାନସିକ ଦୁଃଶ୍ଚିନ୍ତା ବୃଦ୍ଧିପାଇବ। ଆୟ ମଧ୍ୟମ ହେବ। ଶତ୍ରୁ ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ବିଳମ୍ବ ଯୋଗ। କେହି ପ୍ରତାରଣା କରିବେ। ପାରିବାରିକ ଜୀବନ ନୈରାଶ୍ୟରେ କଟିବ। ପ୍ରତିକାର: ପିଲାମାନଙ୍କୁ ମିଷ୍ଟାନ୍ନ ଲଡୁ ଖାଇବାକୁ ଦିଅନ୍ତୁ।

**ସିଂହ** ସପ୍ତାହଟି ସମସ୍ତ ଦିଗରୁ କ୍ଷତିର ସୂଚନା ମିଳେ। ଦ୍ରବ୍ୟ ନଷ୍ଟ ଓ ଅର୍ଥକ୍ଷୟର ଆତଙ୍କ। ଶରୀର ଆଦୌ ଭଲ ରହିବନି। କର୍ମକ୍ଷେତ୍ରରେ ବିଫଳତା। ଆୟ ହ୍ରାସ ପାଇବ। ଭୃତ୍ୟହାନୀ ଯୋଗ।
ପ୍ରତିକାର: ଅନାଥଙ୍କୁ ବସ୍ତ୍ର ଦାନ କରନ୍ତୁ।

**କନ୍ୟା** ସପ୍ତାହଟିରେ ଆପଣ ଅନେକ ସମସ୍ୟାର ମୁକାବିଲା କରିବେ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ଝଗଡ଼ା ସୃଷ୍ଟି ହେବ। ନିଜଲୋକେ ସହଯୋଗ କରିପାରନ୍ତି। ଆଇନ ଅଦାଲତର ସାମ୍ନା କରିବେ। ପ୍ରତିକାର: ସୂର୍ଯ୍ୟଙ୍କୁ ଜଳଦାନ କରନ୍ତୁ।

**ତୁଳା** ସପ୍ତାହଟିରେ ଆପଣଙ୍କର ଭଲରେ କଟିବ। ଆୟ ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ଉନ୍ନତି କରିବେ। ଦୂର ବ୍ୟକ୍ତିଙ୍କଠାରୁ ସାହାଯ୍ୟ ପାଇପାରିବେ। ଦ୍ରବ୍ୟହାନୀ ଯୋଗ। ବିବାଦୀୟ ଘଟଣାରେ ଜୟଯୁକ୍ତ ହେବେ। ପ୍ରତିକାର: ପ୍ରାତଃକାଳୀନ ସୂର୍ଯ୍ୟସ୍ନାନ କରଣୀୟ।

**ବିଛା** ସପ୍ତାହଟି ଆପଣଙ୍କର ଅତି ଉତ୍ତମ ହେବ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ଉତ୍ସାହ, ଉଦ୍ଦୀପନା ପ୍ରକାଶ ପାଇବ। ବିଭିନ୍ନ ଦିଗରୁ ଆୟର ଯୋଗ। ଉଚ୍ଚ ସମ୍ମାନ ମିଳିବ। କର୍ତ୍ତବ୍ୟ ପଥରେ ଆଗେଇବେ।
ପ୍ରତିକାର: ଶିବ ମନ୍ଦିରରେ ପୂଜା କରଣୀୟ।

**ଧନୁ** ସପ୍ତାହଟି ଆପଣଙ୍କର ଭଲରେ କଟିବ। କେତେକକ୍ଷେତ୍ରରେ ଅସହଯୋଗ ରହିବ। ଦେହ ଭଲ ରହିବ। ଯାନବାହନରେ କ୍ଷତି ଯୋଗ। ବନ୍ଧୁ ମତାନ୍ତର ହୋଇପାରେ।
ପ୍ରତିକାର: ସୋମବାର ସଂକ୍ରାନ୍ତିରେ ଶିବମନ୍ଦିରରେ ପୂଜା କରଣୀୟ।

**ମକର** ସପ୍ତାହଟି ଖୁବ୍ ଭଲରେ କଟିବ। ଦେହ ଓ ମନ ଭଲ ରହିବ। ଧନ ଓ ସମ୍ମାନ ପାଇବେ। ସୁଖ ଓ ସମ୍ପଦ ଲାଭ କରିବେ। ପ୍ରାଧାନ୍ୟ ବଢ଼ିବ। ଦୂରୁହ କାର୍ଯ୍ୟ ସାଧିତ ହେବ। ଆୟ ଉତ୍ତମ ଆସିବ। ପ୍ରତିକାର: ଜଗନ୍ନାଥଙ୍କ ପୂଜା କରଣୀୟ।

**କୁମ୍ଭ** ସପ୍ତାହଟିରେ ଫଳ ମଧ୍ୟମ ରହିବ। ଦେହ ସୁସ୍ଥ ରହିବ। ଏବଂ ବଦ୍‌ଖର୍ଚ୍ଚୀ ବହୁତ ହେବ। ଆଇନ ଅଦାଲତରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ବିରୋଧୀ ଭାବ ଦେଖାଦେବ।
ପ୍ରତିକାର ପ୍ରତିଦିନ ହନୁମାନ ଚାଳିଶା ପାଠ କରଣୀୟ।

**ମୀନ** ସପ୍ତାହଟିରେ ଫଳ ଉତ୍ତମ ରହିବ। ଦେହ ଓ ମନ ଭଲ ରହିବ। ପ୍ରତିଯୋଗିତାରେ ସାଫଲ୍ୟତା। କର୍ମକ୍ଷେତ୍ରରେ ଆଗେଇବେ। ଆୟ ଅବ୍ୟାହତ ରହିବ। ପଦସ୍ଥ ବ୍ୟକ୍ତିଙ୍କଠାରୁ ସମ୍ମାନ ପାଇବେ। ପ୍ରତିକାର: ତୁଳସୀ ଚଉରାମୂଳେ ଜଳ ଅର୍ପଣ କରଣୀୟ।

ସଂସ୍କୃତି ଓ ପର୍ଯ୍ୟଟନ



# ଚାରିଶମ୍ଭୁ ମନ୍ଦିର

**ମହାନଦୀର ସୁନିଳ, ଶାନ୍ତ ତଟରେ ଅବସ୍ଥିତ ବୌଦ୍ଧ ଜିଲ୍ଲାର ଗନ୍ଧରାଡ଼ି ଗାଁ ଓଡ଼ିଶାର ପୁରାତନ ଐତିହ୍ୟ ଓ ଆଧ୍ୟାତ୍ମିକ ଧାରାର ଏକ ଗର୍ବିତ ସାକ୍ଷ୍ୟ। ଏଠାରେ ଅବସ୍ଥିତ ଚାରିଶମ୍ଭୁ ମନ୍ଦିର, ଯାହାକୁ ଗନ୍ଧରାଡ଼ି ମନ୍ଦିର କିମ୍ବା ହରିହର ଦେଉଳ ବୋଲି ମଧ୍ୟ ଜଣାଯାଏ, କେବଳ ଗୋଟିଏ ଧାର୍ମିକ ସ୍ଥଳ ନୁହେଁ; ଏହା ଓଡ଼ିଶାର ସାଂସ୍କୃତିକ ସହିଷ୍ଣୁତା, ଶିଳ୍ପନୈପୁଣ୍ୟ ଓ ଐତିହାସିକ ସଚେତନତାର ଜୀବନ୍ତ ପ୍ରତୀକ।**

## ଇତିହାସ ଓ ରାଜନୈତିକ ପୃଷ୍ଠଭୂମି:


ଇତିହାସ ବିଦ୍ୱାନଙ୍କ ମତାନୁସାରେ, ଏହି ଯୁଗଳ ମନ୍ଦିର ଖ୍ରୀଷ୍ଟାବ୍ଦ ଅଷ୍ଟମରୁ ନବମ ଶତାବ୍ଦୀ ମଧ୍ୟଭାଗରେ ନିର୍ମିତ। ସେ ସମୟରେ ଦକ୍ଷିଣ ଓଡ଼ିଶାରେ ଶକ୍ତିଶାଳୀ ଭଞ୍ଜ ବଂଶ ଶାସନ କରୁଥିଲେ। ଗନ୍ଧରାଡ଼ି ଅଞ୍ଚଳ ସେତେବେଳେ ଖିଞ୍ଜାଲି ମଣ୍ଡଳର ଅନ୍ତର୍ଗତ ଥିଲା। ଏହି ମନ୍ଦିରର ନିର୍ମାଣକୁ ଭଞ୍ଜ ବଂଶର ଏକ ପ୍ରସିଦ୍ଧ ଶାସକ ରାଜା ଗନ୍ଧମାର୍ଦ୍ଦନ ଦେବଙ୍କ ସହ ସମ୍ପୃକ୍ତ କରାଯାଏ, ଯିଏ ଧର୍ମ, କଳା ଓ ସ୍ଥାପତ୍ୟର ଏକ ବଡ଼ ପ୍ରୋତ୍ସାହକ ଥିଲେ। ଭଞ୍ଜ ଶାସକମାନେ ଶୈବ ଓ ବୈଷ୍ଣବ, ଉଭୟ ପରମ୍ପରାକୁ ସମାନ ମର୍ଯ୍ୟାଦା ଦେଇଥିଲେ। ଏହି ଧାର୍ମିକ ସହିଷ୍ଣୁତାର ପ୍ରତିଫଳନ ହେଉଛି ଗନ୍ଧରାଡ଼ିର ଚାରିଶମ୍ଭୁ ମନ୍ଦିର।

ଯୁଗଳ ଦେଉଳର ଧାର୍ମିକ ମହତ୍ତ୍ୱ ଗନ୍ଧରାଡ଼ି ଚାରିଶମ୍ଭୁ ମନ୍ଦିର ଓଡ଼ିଶାର ଅତ୍ୟନ୍ତ ଦୁର୍ଲଭ ଯୁଗଳ ଦେଉଳମାନଙ୍କ ମଧ୍ୟରୁ ଗୋଟିଏ। ଏଠାରେ ଦୁଇଟି ପୃଥକ ଦେଉଳ ଥିଲେ ମଧ୍ୟ ଗୋଟିଏ ପରିସରରେ ଅବସ୍ଥିତ। ଗୋଟିଏ ଦେଉଳ ଉତ୍ସର୍ଗିତ, ଭଗବାନ ନୀଳମାଧବ (ବିଷ୍ଣୁ)ଙ୍କୁ ଅନ୍ୟଟି ଉତ୍ସର୍ଗିତ ଭଗବାନ ସିଦ୍ଧେଶ୍ୱର (ଶିବ)ଙ୍କୁ କରାଯାଇଛି।

ହରି (ବିଷ୍ଣୁ) ଓ ହର (ଶିବ)ଙ୍କ ଏକାସାଥିରେ ଉପାସନା ଓଡ଼ିଶାର ସମନ୍ୱୟମୂଳକ ଧାର୍ମିକ ଚିନ୍ତାଧାରାକୁ ପ୍ରକାଶ କରେ। ଏହି ଧାରଣା ପରବର୍ତ୍ତୀ କାଳରେ 'ହରିହର' ଉପାସନା ରୂପେ ଅଧିକ ପ୍ରଚଳିତ ହୋଇଥିଲା।







### ଶିଳ୍ପକଳା ଓ ସ୍ଥାପତ୍ୟ ବୈଶିଷ୍ଟ୍ୟ-

ଚାରିଶମ୍ଭୁ ମନ୍ଦିର ପୁରାତନ କଳିଙ୍ଗ ସ୍ଥାପତ୍ୟ ଶୈଳୀର ଏକ ଉତ୍କୃଷ୍ଟ ନିଦର୍ଶନ। ଦେଉଳର ରେଖା-ଦେଉଳ ଗଠନ, ସମାନୁପାତିକ ଆକୃତି ଓ ପଥରରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟ ଏହାକୁ ସ୍ଥାପତ୍ୟ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କରିଛି। ଦ୍ୱାରପାଳ, ଦେବଦେବୀଙ୍କ ମୂର୍ତ୍ତି, ଲତାପତ୍ର ଓ ଭୌଗୋଳିକ ଆଳଙ୍କାରିକ ନକ୍ସାରେ ପୁରାତନ ଶିଳ୍ପୀମାନଙ୍କ ଅସାଧାରଣ ଦକ୍ଷତା ସ୍ପଷ୍ଟ ଭାବେ ପ୍ରକାଶିତ। ମନ୍ଦିର ପରିସରରେ ପଦାର୍ପଣ କଲେ ମନେ ହୁଏ ଯେ ପଥର ମଧ୍ୟରୁ ଐତିହାସିକ ସ୍ମୃତି ଓ ଶିଳ୍ପୀମାନଙ୍କ ଶ୍ୱାସ ଆଜି ବି ସ୍ପନ୍ଦିତ।


### ପର୍ଯ୍ୟଟକଙ୍କ ପାଇଁ ବିଶେଷ ଜାଣିବା କଥା-


ଏହି ପର୍ଯ୍ୟଟନସ୍ଥଳୀର ଅବସ୍ଥିତି ବୌଦ୍ଧ ଜିଲ୍ଲା, ଗନ୍ଧରାଡ଼ି ଗାଁ। ଏହାର ଦୂରତା ବୌଦ୍ଧ ସହରରୁ ପ୍ରାୟ ୧୬ କି.ମି.। ଜାତୀୟ ରାଜପଥ ୫୭ ଦ୍ୱାରା ଭୁବନେଶ୍ୱର–ବୌଦ୍ଧ (ପ୍ରାୟ ୨୩୦ କି.ମି.) ଦୂରତାରେ ଅବସ୍ଥିତ। ଏହାର ନିକଟତମ ରେଳପଥ ସଂଯୋଗ ହେଲା ବୌଦ୍ଧ ରେଳଷ୍ଟେସନ। ନିକଟତମ ବିମାନବନ୍ଦର ଭାବରେ ଭୁବନେଶ୍ୱର (ପ୍ରାୟ ୧୬୯ କି.ମି.) ହିଁ ଯାତାୟତ ପାଇଁ ସୁଗମ ହୋଇପାରିବ। ବର୍ଷର ଯେକୌଣସି ସମୟରେ ଏଠାକୁ ଆସିପାରିବେ ପର୍ଯ୍ୟଟକ।


### କାହିଁକି ଗନ୍ଧରାଡ଼ି ଆସିବେ-


ଇତିହାସର ଗଭୀର ସ୍ପନ୍ଦନ, ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକ ଶାନ୍ତି-ଏ ତିନୋଟିକୁ ଏକାସାଥିରେ ଅନୁଭବ କରିବାକୁ ଚାହିଁଲେ, ଗନ୍ଧରାଡ଼ିର ଚାରିଶମ୍ଭୁ ମନ୍ଦିର ନିଶ୍ଚୟ ଆପଣଙ୍କ ପର୍ଯ୍ୟଟନ ତାଲିକାରେ ଥିବା ଉଚିତ୍। ଏହା କେବଳ ଗୋଟିଏ ଗନ୍ତବ୍ୟ ନୁହେଁ- ବରଂ ଏହା ଓଡ଼ିଆ ଐତିହ୍ୟ ଓ ସମନ୍ୱୟମୟ ସଂସ୍କୃତିର ଗର୍ବିତ ପରିଚୟ। କେବଳ ଚାରିଶମ୍ଭୁ ନୁହେଁ ବରଂ ପ୍ରକୃତିକୋଳରେ ହଜିଯିବା ପାଇଁ ଏହା ଏକ ସର୍ବୋତ୍ତମ ସ୍ଥାନ।

ସିତାଂଶୁ ଶେଖର ମିଶ୍ର, ଶାନ୍ତି ନଗର,ସୋନପୁର, ଦୁରଭାଷ .୮୧୪୪୮ ୭୦୭୨୯









ମନୋରଞ୍ଜନ





# ଆସୁଛି ଗାନ୍ଧୀ ଟକ୍‌ସ

ଏକ ଭିନ୍ନ ସ୍ୱାଦର କାହାଣୀକୁ ନେଇ ଆସୁଛି ଗାନ୍ଧୀ ଟକ୍। ଜଣେ ଯୁବକ, ବେକାର ସ୍ନାତକ ମହାଦେବ ଚାକିରି ଖୋଜିବା ଓ ସଂଘର୍ଷପୂର୍ଣ୍ଣ ଜୀବନରେ କରୁଥିବା ଭୁଲ, ଠିକକୁ ନେଇ ଏହି ଫିଲ୍ମଟି ଜାନୁଆରୀ ଶେଷସୁଦ୍ଧା ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା କହିଛି। ମହାଦେବଙ୍କ ନୀରବତା ପଛରେ ଯେଉଁ କାହାଣୀ ଥାଏ, ତାହା ବେଶ ରୋଚକ ହେବ। ଯଦିଓ ଲେଖକଙ୍କ ଦ୍ୱାରା ଏକ କାଳ୍ପନିକ ରଚନା କରାଯାଇଛି କିନ୍ତୁ, ଚଳଚ୍ଚିତ୍ରର ସମସ୍ତ ଚରିତ୍ରଗୁଡିକ ଏକ ବାସ୍ତବ ଅଭିନୟ କରିଛନ୍ତି। ଏହାର ଷ୍ଟାରକାଷ୍ଟରେ ରହିଛନ୍ତି, ବିଜୟ ସେଥୁପଥୀ, ଆଦିତ୍ୟ ରାଓ, ମହେଶ ମଞ୍ଜରେକର, ଅରବିନ୍ଦ, ପ୍ରିୟଦର୍ଶିନୀ ଇନ୍ଦଲକର, ଭାଗବତୀ ପେରୁମଲ, ସିଦ୍ଧାର୍ଥ ଯାଦବ, ନୀଲେଶ ଦୀପକ, ଭାନିତା ଖରତ ପ୍ରମୁଖ।


# ସନ୍ନିଙ୍କ ବର୍ଡର-୨

ବର୍ଡର-୨ ଅନୁରାଗ ସିଂଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଚଳଚ୍ଚିତ୍ର ନିର୍ମାତା ଜେ.ପି. ଦତ୍ତଙ୍କ କନ୍ୟା ନିଧି ଦତ୍ତଙ୍କ ଦ୍ୱାରା ନିର୍ମିତ। ଏହି ଚଳଚ୍ଚିତ୍ରଟି ଜାନୁୟାରୀ ୨୩, ୨୦୨୬ ରେ ମୁକ୍ତିଲାଭ କରିଛି। ସନି ଦେଓଲ, ବରୁଣ ଧାୱନ, ଦିଲଜିତ ଦୋସଞ୍ଜ, ସୋନମ ବାଜୱା ଏବଂ ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧର କାହାଣୀ ବର୍ଣ୍ଣନା କରାଯାଇଥିଲା। ଏହା ପୂର୍ବରୁ ମଧ୍ୟ ସନ୍ନି ଦେଓଲ ବର୍ଡର ଫିଲ୍ମରେ ଅଭିନୟ କରି ବେଶ ଚର୍ଚ୍ଚାରେ ରହିଥିଲେ। ଏହା ଓଟିଟିରେ ରିଲିଜ୍ ହୋଇଥିବା ବେଳେ 'ବର୍ଡର-୨'ର ଗୀତଗୁଡ଼ିକ ଅନ୍‌ଲାଇନ୍‌ରେ ଟ୍ରେଣ୍ଡ ସୃଷ୍ଟି କରୁଛି। ମୋନା ସିଂ ଦେଓଲଙ୍କ ବିପକ୍ଷରେ କାଷ୍ଟ ହୋଇଛନ୍ତି। ସେ ଫତେହ ସିଂ କାଲେରଙ୍କ ପତ୍ନୀ ଚିତ୍ରଣ କରିଛନ୍ତି। ଦୋସାଞ୍ଜଙ୍କ ବିପକ୍ଷରେ ସୋନମ ବାଜୱା କାଷ୍ଟ ହୋଇଥିଲେ।

# ସୂର୍ଯ୍ୟମୟୀ ସାଜିଲେ ଅଙ୍ଗନବାଡ଼ି ଦିଦି

ଫିଲ୍ମ 'ବରବଧୂ'ରେ ମୁଖ୍ୟ ଭୂମିକାରେ ଶିବାନୀ, ଶୈଳେନ୍ଦ୍ର, ସୂର୍ଯ୍ୟମୟୀ, ଶୁଭାଶିଷ, ଭାସ୍ୱତି ବସୁ, ଜୟଶ୍ରୀ ଷଡ଼ଙ୍ଗୀ ଆଉ ହର ରଥ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ବିଶେଷ କରି ଯୁବ ବର୍ଗର ଅଭିନେତା/ଅଭିନେତ୍ରୀମାନଙ୍କ ଅଭିନୟକୁ ଦର୍ଶକ ମଧ ବେଶ ପସନ୍ଦ କରିବେ ବୋଲି ଆଶା କରାଯାଉଛି। ଏହି ସିନେମାରେ ସୂର୍ଯ୍ୟମୟୀଙ୍କ ଅଙ୍ଗନୱାଡି ଦିଦି ଭୂମିକାକୁ ଦର୍ଶକ ବେଶ ପସନ୍ଦ କରିବେ। ପାନୁଆ ପାଟିରେ ସୂର୍ଯ୍ୟମୟୀଙ୍କ ଡାଇଲଗ ସାଙ୍ଗକୁ ଶିବାନୀଙ୍କ ସ୍କୁଲ ଦିଦି ଭୂମିକା ବି ବେଶ ଜବରଦସ୍ତ ହୋଇଛି। ଫିଲ୍ମର ନିର୍ଦ୍ଦେଶକ ବିଶ୍ୱରଞ୍ଜନଙ୍କ କହିବା ମୁତାବକ ଫିଲ୍ମର ସୁଟିଂ ଅନୁଗୁଳ, ଟିକରପଡା, ଛେଣ୍ଡିପଦା ସହ କୋରାପୁଟରେ ହୋଇଛି। ପ୍ରେମ, ପରମ୍ପରା ଓ ମୂଲ୍ୟବୋଧ ଆଧାରରେ ଗଭୀର ଭାବେ ଗଢ଼ିଉଠିଥିବା ଏକ ହୃଦୟସ୍ପର୍ଶୀ କାହାଣୀକୁ ନେଇ 'ବର ବଧୂ' ଦର୍ଶକମାନଙ୍କୁ ଏକ ଭାବପ୍ରବଣ ସିନେମାର ଅନୁଭୂତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଯାହା ଭାଲେଣ୍ଟାଇନରେ ସପ୍ତାହରେ ପ୍ରେମୀ ଯୁଗଳଙ୍କ ପାଇଁ ଏକ ଭେଟି କହିଲେ ଚଳେ। ଏହି ସିନେମାର ପ୍ରଯୋଜନା ଚନ୍ଦ୍ରମଣି କରିଥିବାବେଳେ ସହ ପ୍ରଯୋଜନା କରିଛନ୍ତି ବିଶ୍ୱରଂଜନ ଓ ସୁଶୀଲ କୁମାର ମିଶ୍ର। ସେହିପରି ସଂଗୀତ ନିର୍ଦ୍ଦେଶନା ଗୌରବ ଆନନ୍ଦ ଓ ଭାରତ ହିତାର୍ଥ ଦେଇଛନ୍ତି।











# ଅଜିତ ନାଟ୍ୟ ମହୋତ୍ସବ

## ସମ୍ମାନୀତ ହେଲେ ଅଭିନେତା ପ୍ରେମାଞ୍ଜନ ପରିଡ଼ା

ଅଜିତ ନାଟ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ତିନି ଦିନିଆ ନାଟ୍ୟ ମହୋତ୍ସବ ଉଦଯାପିତ ହୋଇଛି। ତିନିଦିନର ନାଟକ ବେଶ ହୃଦୟସ୍ପର୍ଶୀ, ଶିକ୍ଷଣୀୟ ସହିତ ଉନ୍ନତମାନର ପରିବେଷଣ ଦେଖି ଦର୍ଶକ ନାଟ୍ୟ ମନସ୍କ ହୋଇଥିଲେ। ଉଦଯାପନୀ ସନ୍ଧ୍ୟାରେ ଅନେକ ଚଳିତ ବର୍ଷର ଅଜିତ ନାଟ୍ୟ ସମ୍ମାନରେ ବରିଷ୍ଠ ଅଭିନେତା ପ୍ରେମାଞ୍ଜନ ପରିଡାଙ୍କୁ ଏବଂ ଅଜିତ ସାମ୍ବାଦିକ ସମ୍ମାନରେ ପ୍ରଣୟ ଜେଠୀଙ୍କୁ ସମ୍ମାନିତ କରାଯାଇଛି। ବାପା ମାଆଙ୍କର ବଡ ବଡ ସ୍ୱପ୍ନକୁ ସାକାର କରିବା ଲାଗି ସାଧାରଣ ଛାତ୍ରଟିଏ ଚାଲିଆସୁଛି ବୈଷୟିକ (ଟେକନିକାଲ) ପାଠ ପଢିବା ପାଇଁ କିନ୍ତୁ ଥରେ ସେ ଅନ୍ଧଗଳି ଭିତରେ ପଶିବା ପରେ ସେଠୁ ବାହାରିବାର ରାସ୍ତା ପାଉନାହିଁ। ଏଭଳି ଏକ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ବିଷୟକୁ ନେଇ ନାଟକ 'ସମକାଳ'ର ପରିକଳ୍ପନା। ଅଭିନୟରେ ବିଭୁ, ଉମା, ଜଗନ୍ନାଥ, ସିଦ୍ଧାର୍ଥ, ବିଜୟ, ହିମାଂଶୁ, ଆୟୁଷ୍ମାନ, ସଂଗ୍ରାମ,ପାୟଲ, ଯାଜ୍ଞସେନୀ, ସାଇନା ପ୍ରମୁଖ ଥିବାବେଳେ ମଞ୍ଚ ଅନ୍ତରାଳରେ ମଞ୍ଚ ପରିଚାଳନା କରିଥିଲେ ସାଗର ପଟ୍ଟନାୟକ, ସହଯୋଗୀ ହିମାଂଶୁ, ଆୟୁଷ୍ମାନ, ସଂଗୀତ କୈଳାସ ସେନାପତି, ରୂପସଜ୍ୟା ସମରେଶ ପାଲ, ଉପସ୍ଥାପନାରେ କେ.ପି, ଚିତ୍ରଉତ୍ତଳନ ଦାୟିତ୍ୱରେ ଦିପୁ, ଆଲୋକ ସରଞ୍ଜନା, ଅଭିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ଦୀପକ ରଞ୍ଜନ ପତି ଓରଫ ଅମନ। ପରିଚାଳନା କରିଥିଲେ ଡଃ ମାୟା ଦାସ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ ରାୟ।





# 'ପରୀ' ପାଇଁ ବଢ଼ିଲା ଅଡୁଆ

ଜାନୁଆରୀ ୩୦ରେ ନୂଆ ଓଡିଆ ଚଳଚ୍ଚିତ୍ର 'ପରୀ' ବଡ଼ ପରଦାରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ସ୍ପଷ୍ଟ କରିଥିଲେ ସୁଦ୍ଧା ରିଲିଜକୁ ନେଇ ବଢ଼ିଛି ଅଡୁଆ। ପରୀର ପରିବାର ପକ୍ଷରୁ ଫିଲ୍ମ ରିଲିଜକୁ ନେଇ ବିରୋଧ କରିବା ଦେଖାଯାଇଛି। ପ୍ରଯୋଜନା ସଂସ୍ଥା ପକ୍ଷରୁ ଅନୁମତି ନିଆଯାଇନାହିଁ ବୋଲି ପରିବାର ଅଭିଯୋଗ ଆଣିଛନ୍ତି। ଏହି ଫିଲ୍ମ ସେମାନଙ୍କ ପରିବାର ଆତ୍ମସମ୍ମାନ ପ୍ରତି ଆଞ୍ଚ ଆଣୁଛି ବୋଲି କହିଛନ୍ତି ପରିବାର ଲୋକ। ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି। 'ପରୀ' ଏକ ନିରୀହ, କୋମଳ ଫୁଲ କଢି। ତାକୁ ନେଇ ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର। ମାତ୍ର ଅକାଳରେ ସେ ଝରି ପଡିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ। ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡିଯାଇଛି ବିଚରା ବାପାମାଆଙ୍କର। ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି ? ଏଭଳି ଏକ ସ୍ପର୍ଶକତାର କାହାଣୀ ଉପରେ ପରୀ ର କାହାଣୀ ଗତିଶୀଳ। କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି ଓ ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ। ସଂଳାପ ଡଃ ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରମୋଦ ପରିଡା ରଚନା କରିଥିବା ଗୀତଗୁଡିକୁ ଗାୟକ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି। ଧ୍ରୁବାନନ୍ଦ ପଣ୍ଡା (ଲିଟୁ) ଡିଓପି ରହିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା କରିଛନ୍ତି। ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। କୋରିଓଗ୍ରାଫର ଏସ୍‌କେ ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମରେ ବହୁ ଅଭିଜ୍ଞ ଆର୍ଟିଷ୍ଟ ଯଥା, ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ବିଶାଲ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି।

# ପାଠ ଓ ପରିବେଶ



ପିଲାଙ୍କୁ ଭଲ ଓ ବଡ଼ ମଣିଷ ଭାବରେ ଦେଖିବାକୁ ଚାହୁଁଥିଲେ ବାପାମାଆମାନେ ଟିକେ ତ୍ୟାଗ କରିବା ଉଚିତ। ଅନେକ ସମୟରେ ଦେଖାଯାଇଥାଏ, ଅର୍ଥର ଅଭାବ ନଥାଏ। ଗାଡ଼ି, ଘରଠୁ ଆରମ୍ଭ କରି ଅନେକ ଉପକରଣ ଥାଏ। ବ୍ୟାଙ୍କ ବାଲାନ୍ସ ବି ଅନେକ ଅଭିଭାବକଙ୍କର ଏତେ ଥାଏ, ପିଲାଟି ଭବିଷ୍ୟତରେ ଘରେ ବସି ଖାଇଲେ ବି ସରିବ ନାହିଁ। ସେହିଭଳି କ୍ଷେତ୍ରରେ କିଛି ଅସୁବିଧା ନଥାଇ ଯଦି ପିଲାଟି କ୍ୟାରିୟର କରିପାରୁନି। ପାରିପାର୍ଶ୍ୱିକ ପରିସ୍ଥିତି ହେଉ ଅବା ସାଙ୍ଗସାଥୀଙ୍କ ମେଳରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁନାହିଁ, ସେ ପରିବେଶକୁ ବଦଳାଇବା ଦରକାର। ବାହାର ଲୋକଙ୍କ ସହ ସାଙ୍ଗସାଥୀ କେବଳ ନୁହେଁ ଘରର ପରିବେଶକୁ ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ଘରେ ସୁନ୍ଦର ବାତାବରଣ କିଭଳି ଭାବରେ ସୃଷ୍ଟି କରାଯାଇପାରିବ, ସେଥିପାଇଁ ନଜର ଦେବା ଆବଶ୍ୟକ। ପିଲାଟିର ପଢ଼ାଘରେ ଯେଭଳି କୌଣସି ଅବ୍ୟବସ୍ଥା ନହୁଏ, ତାହା ଧ୍ୟାନ ଦେବା ଉଚିତ। ଘରେ ଯଦି କୌଣସି ସମସ୍ୟା ରହୁଛି, ପିଲାଟିର କ୍ୟାରିୟର ଗଢ଼ିବା ପଛରେ ଯେଉଁ ପ୍ରତିବନ୍ଧକ ରହିଛି, ଦେଖିଚାହିଁ ସମାଧାନ କରିବା ଉଚିତ। ପରିବେଶ କହିଲେ କେବଳ ପାରିପାର୍ଶ୍ୱିକ ନୁହେଁ ଆଭ୍ୟନ୍ତରୀଣ ଭାବରେ ଯେଉଁସବୁ ଅସୁବିଧା ରହୁଛି, ତାହାକୁ ଦୂର କରିବା ନିହାତି ଦରକାର।





କ୍ୟାରିୟର

# ନିଜକୁ ବୁଝିବା ଜରୁରୀ

ମଣିଷ ନିଜକୁ କେବେ ନିର୍ଭୁଲ ଭାବରେ ଉପସ୍ଥାପିତ କରିପାରିବ ନାହିଁ। ଯେକୌଣସି କାମ କରିବାବେଳେ ସେ କିଛି ନାକିଛି ଭୁଲ କରିଥାଏ। ଅନେକ ଅଛନ୍ତି ଭୁଲକୁ ସ୍ୱୀକାର କରିବାବେଳେ ଅନେକ କିନ୍ତୁ ନିଜ ଭୁଲକୁ ଅନ୍ୟ ଉପରେ ଲଦି ପାର ହୋଇଯିବା ପାଇଁ ଚେଷ୍ଟା କରିଥାନ୍ତି। ବାସ୍ତବରେ ଦେଖିବାକୁ ଗଲେ କ୍ୟାରିୟରର ଉନ୍ନତି ସେହିମାନଙ୍କର ହୋଇପାରିବ, ଯେଉଁମାନେ ନିଜ ଭୁଲକୁ ସ୍ୱୀକାର କରିବା ସହ ଆତ୍ମସମୀକ୍ଷା କରିଥାନ୍ତି। ଯେଉଁମାନେ ଭୁଲ କଲେ ବି ସୁଦ୍ଧା ନିଜ ଦୋଷ ଦୁର୍ବଳତା ଲୁଚାଇ ଅନ୍ୟ ଉପରକୁ ଠେଲି ଦିଅନ୍ତି, ସେମାନେ କେବେ ଜୀବନରେ ଆଗକୁ ଯାଇ ପାରିନଥାନ୍ତି। ଯେ କୌଣସି କର୍ମ ସଂସ୍ଥାନରେ କାର୍ଯ୍ୟ କଲେ ବି କିଛି ବୁଝିବା ଲୋକଙ୍କ ସହିତ ଅବୁଝା ଲୋକମାନେ ମଧ୍ୟ କାର୍ଯ୍ୟ କରୁଥାନ୍ତି। ତେଣୁ ଯେଉଁମାନେ ନିଜକୁ ବୁଝିପାରୁ ନାହାନ୍ତି, ସେମାନଙ୍କୁ ବୁଝେଇବା ସହିତ ନିଜେ ବି ବୁଝିବା ଦରକାର। ସବୁଠାରୁ ବଡ଼ କଥା ହେଲା କାହାକୁ ବୁଝେଇବା ଠାରୁ ନିଜେ ନିଜକୁ ଭଲ ଭାବରେ ବୁଝିନେଲେ, କୌଣସି ସମସ୍ୟା ଦେଖାଯାଇ ନଥାଏ। ଅଫିସରେ ସହକର୍ମୀଙ୍କ ସହ ମିଶି କାର୍ଯ୍ୟ କରିବା ବେଳେ ଅନେକ କିଛି ସହଯୋଗ ନେଇ କରିବାକୁ ହୁଏ। ପରସ୍ପର ଯଦି ଏହି ସହଯୋଗଭିତ୍ତିରେ କାମ କରିବେ, ତା'ହେଲେ କୌଣସି ଗ୍ୟାପ୍ କି ଭୁଲ ହେବନାହିଁ। ଭୁଲ୍ ଯେଉଁମାନେ କରିଥିବେ, ସେମାନେ ମାନିନେବା ଉଚିତ। ଫଳରେ ବ୍ୟକ୍ତିଗତ ସହିତ ସଂସ୍ଥାର ମଧ୍ୟ କ୍ଷତି ହେବନାହିଁ।

■ ବିବିଧ

# କିଶୋର ନ୍ୟାୟ ବ୍ୟବସ୍ଥା

ଗଙ୍ଗାଧର ସାମଲ




**ଆମ ଦେଶରେ କିଶୋର ମାନଙ୍କ ନ୍ୟାୟ ସମ୍ପର୍କରେ ଯେତେ ଆଲୋଚନା ହୋଇଥାଏ ସେ ପରିମାଣର କିନ୍ତୁ ନିର୍ଯ୍ୟାସରେ କିଛି ପହଞ୍ଚି ପାରି ନଥାଏ । ନିକଟରେ ସରକାରୀ ଭାବେ ଭାରତୀୟ ନ୍ୟାୟ ରିପୋର୍ଟର ପରିସଂଖ୍ୟାନର ଚିତ୍ର ଯାହା କହୁଛି ସେଥିରୁ ସୁସ୍ପଷ୍ଟ ଯେ ଏଯାବତ୍ ଆଇନ ପାଇବା ପାଇଁ କିଶୋର ନ୍ୟାୟ ବ୍ୟବସ୍ଥା ସଠିକ ଭାବେ ଯଥାର୍ଥ ପରିମାଣରେ କାର୍ଯ୍ୟକାରୀ ହୋଇପାରୁନାହିଁ । ଏବେ ବି ସମଗ୍ର ଦେଶରେ ୩୫୨ଟି କିଶୋର ନ୍ୟାୟବୋର୍ଡ଼ ବା ଜେଜେବି ଗୁଡ଼ିକରେ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଛି । ଏଥିରେ ଓଡ଼ିଶାର ରେକର୍ଡ଼ ଅତି ଖରାପ । ଏଠାରେ ପେଣ୍ଡେନସୀ ବା ବିଚାର କାଳ ୮୩ ପ୍ରତିଶତ ଯାହା ଖୁବ ଅଧିକ । ଦେଶର ସବୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଜେଜେବି ଥିଲେ ମଧ୍ୟ ୨୫ ପ୍ରତିଶତରେ ପୁରା ବେଞ୍ଚ ନାହିଁ । ଅଥଚ ଏଥିରେ ମାତ୍ର ଜଣେ ମାଜିଷ୍ଟ୍ରେଟ ଓ ଦୁଇଜଣ ସାମାଜିକ କର୍ମୀ ଆବଶ୍ୟକ । ଏକ ତୃତୀୟାଂଶ ବୋର୍ଡ଼ରେ ବିଧିଗତ ସେବା କ୍ଲିନିକ ନାହିଁ, ଯାହା ଆଇନ ଅନୁସାରେ ଆବଶ୍ୟକ । ପ୍ରତି ଜେଜେବିରେ ୧୫୨ଟି କେସ୍ ପଡ଼ି ରହିଛି । ସେ ସବୁରୁ କେବଳ ୧୧ଟି କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁସାରେ ଆବଶ୍ୟକ ୭ଟି ଯାକ ମାନକକୁ ପୂରଣ କରୁଛନ୍ତି । ୧୪ଟି ରାଜ୍ୟ ଗୁରୁତର ଅପରାଧରେ ଲିପ୍ତ ୧୬ରୁ ୧୮ ବର୍ଷ ବୟସ୍କଙ୍କ ପାଇଁ ସୁରକ୍ଷିତ ସ୍ଥାନ ସ୍ଥାପନ କରିନାହାନ୍ତି ।**


ଯେଉଁ ସର୍ଭେ ଉପରେ ଉପରୋକ୍ତ ରିପୋର୍ଟ ଉପରେ ଆଧାରିତ ତାହା କିଶୋର ନ୍ୟାୟ ଆଇନ କିଭଳି କାମ କରି ଆସିଛି ତାର ମୂଲ୍ୟାୟନ ଲାଗି ଉଦ୍ଦିଷ୍ଟ ଥିଲା । ତାର ଫଳାଫଳ ଗୁରୁତର ଉଦବେଗ ସୃଷ୍ଟି କରିଛି । ଦେଶରେ ପ୍ରାୟ ୫୦ ହଜାର ଶିଶୁ କିଶୋର ନ୍ୟାୟ ବୋର୍ଡ଼ ବା ଜୁଭେନାଇଲ ଜଷ୍ଟିସ ବୋର୍ଡ଼ ଗୁଡ଼ିକରୁ ନ୍ୟାୟ ପାଇଁ ଅପେକ୍ଷା କରି ରହିଛନ୍ତି । ୨୮ଟି ରାଜ୍ୟ ଉପରେ ସର୍ଭେ କରାଯାଇ ସେଥିରୁ ମିଳିଥିବାତଥ୍ୟ ଉପରେ ଉପରୋକ୍ତ ରିପୋର୍ଟଟି ପର୍ଯ୍ୟବେଶିତ । ଅବଶ୍ୟ ଏହି ସୂଚନା ଅସମ୍ପୂର୍ଣ୍ଣ । କିଶୋର ନ୍ୟାୟ କେସ ଗୁଡ଼ିକ ଉପରେ ତଥ୍ୟ ସଂଗ୍ରହର କୌଣସି କେନ୍ଦ୍ରୀକୃତ ବ୍ୟବସ୍ଥା ଦେଶରେ ନାହିଁ । ଅପରାଧରେ ଲିପ୍ତ ହେଉଥିବା ଶିଶୁଙ୍କୁ ତଦନ୍ତ ବେଳେ ଓ ସେମାନେ ଦୋଷୀ ସାବ୍ୟସ୍ତ ହେଲା ପରେ ଶିଶୁଙ୍କ ଯତ୍ନ ପାଇଁ ଥିବା ଅନୁଷ୍ଠାନ ଗୁଡ଼ିକରେ ରଖାଯାଏ । ଏହି ଆଶ୍ରୟ ସ୍ଥଳୀଗୁଡ଼ିକର ପରିଚାଳନା ଅଧିକାଂଶ ସମୟରେ ଠିକ ନୁହେଁ । ସେ ସବୁକୁ ସୁଧାରିବା ବାଦ ଏପରି ଅଧିକ ସୁବିଧା କେନ୍ଦ୍ର ସ୍ଥାପନର ଆବଶ୍ୟକତା ରହିଛି । ୧୨୮ଟି ଅନୁଷ୍ଠାନ ପାଇଁ ମାତ୍ର ୨୮ ଜଣ ମେଡ଼ିକାଲ ଅଫିସର ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ବିନା ମେଡ଼ିକାଲ କର୍ମଚାରୀରେ କାମ କରୁଛନ୍ତି । ସମଗ୍ର ବ୍ୟବସ୍ଥାଟି ଦୁର୍ବଳ । କିଶୋର ନ୍ୟାୟ ପ୍ରଦାନ ପାଇଁ ଯାହା ସବୁ ଆବଶ୍ୟକ ସେଗୁଡ଼ିକୁ ଠିକ ଭାବେ ଯୋଗାଯାଉନାହିଁ । ସମ୍ପୃକ୍ତ ଶିଶୁମାନଙ୍କୁ ଉପଯୁକ୍ତ ଆଶ୍ରୟସ୍ଥଳୀ ଯୋଗାଇବା, ସେମାନଙ୍କର କେସ୍ ପରିଚାଳନା ସର୍ବୋପରି ଅପରାଧରେ ଟଣା ହୋଇ ଆସୁଥିବା କିଶୋର ମାନଙ୍କର ଥଇଥାନ କ୍ଷେତ୍ରରେ ଯଥେଷ୍ଟ ଦୁର୍ବଳତା ରହୁଛି । ଗୋଟିଏ ଦେଶର ବିଧି ବ୍ୟବସ୍ଥା ଓ ସଂସ୍କୃତିର ମୂଲ୍ୟାୟନ କରିବାକୁ ହେଲେ ତାହା ଶିଶୁ ମାନଙ୍କୁ କିପରି ଦେଖୁଛି ସେଥିରୁ ବୁଝି ହେବ । ପୃଥିବୀର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତର ଜନସଂଖ୍ୟାକୁ ଦେଖିଲେ ଏଥିରେ କମ ବୟସର ଲୋକ ସଂଖ୍ୟା ହାର ବେଶୀ । ଯେହେତୁ ଦେଶ ପୃଥିବୀର ସବୁଠାରୁ ଜନବହୁଳ ଦେଶ ଓ ଏଠାରେ ଶିଶୁ, ବାଳକ-ବାଳିକା, କିଶୋର-କିଶୋରୀ ଏବଂ ଯୁବକ ଯୁବତୀଙ୍କ ସଂଖ୍ୟା ବେଶୀ ସେ କାରଣରୁ ଅପରାଧରେ ଲିପ୍ତ ଛୋଟ ପିଲାଙ୍କ ସମସ୍ୟାକୁ ଗାମ୍ଭୀର୍ଯ୍ୟର ସହ ନିଆଯିବା ଉଚିତ । ଅନ୍ୟମାନଙ୍କ ତୁଳନାରେ ଆଇନ ସହ ମୁକାବିଲାରେ ଲିପ୍ତ ବାଲ୍ୟ ବୟସର ପିଲାଙ୍କ ପାଇଁ ରାଷ୍ଟ୍ର ଓ ସମାଜର ଦାୟିତ୍ୱ ବେଶୀ । ଜୁଭେନାଇଲ ହୋମ ଗୁଡ଼ିକରେ ରହୁଥିବା ଛୋଟ ପିଲାଙ୍କ ପ୍ରତି ଯେପରି ଭଲ ଆଚରଣ ପ୍ରଦର୍ଶନ କରାଯିବ ସ ସେମାନେ ସମୟୋଚିତ ନ୍ୟାୟ ପାଇବେ ସେଥି ସକାଶେ ସରକାର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ । ସମାଜ ତଥା ସରକାରଙ୍କର ମୁଖ୍ୟ ଚିନ୍ତା ରହିବା ଉଚିତ ଯେପରି ଛୋଟ ବୟସରେ କୌଣସି ଅପରାଧ ଘଟାଉଥିବା ପିଲାମାନେ ସୁଧୁରି ଯାଆନ୍ତି ଏବଂ ସେମାନେ ପରବର୍ତ୍ତୀ ଜୀବନରେ ଆଉ ଅପରାଧ ଆଡ଼କୁ ମୁହାଁଇବେ ନାହିଁ । ନଚେତ ଆଗାମୀ ପିଢ଼ିରେ ଅପରାଧି ଗୋଷ୍ଠୀ ବାହାରିବେ ଯାହା ଦେଶ ଲାଗି ଆହୁରି ବଡ଼ ସମସ୍ୟା ଆଣିଦେବ ।

ଯେ କୌଣସି ଦେଶରେ ଦାୟିତ୍ୱବାନ ନାଗରିକ ଶ୍ରେଣୀ ସୃଷ୍ଟି କରିବା ପାଇଁ ସେମାନଙ୍କୁ ବାଲ୍ୟ ବୟସରୁ ଠିକ ଭାବେ ଗଢ଼ାଯିବା ଦରକାର । ଏଥିରେ ବାପା, ମାଆ ଓ ଅଭିଭାବକ ତଥା ପରିବାର ଲୋକେ ଏବଂ ଶିକ୍ଷକମାନଙ୍କ ସମେତ ପ୍ରଶାସନିକ ବ୍ୟବସ୍ଥା, ସମାଜର ଦାୟିତ୍ୱ ରହୁଛି । ତଥାପି ତା'ମଧ୍ୟରେ କମ ବୟସରେ ଯେଉଁମାନଙ୍କର କୌଣସି କାରଣରୁ ସ୍ଖଳନ ଘଟୁଛି ସେମାନଙ୍କୁ ସୁଧାରିବା ପାଇଁ ସବୁ ପଦକ୍ଷେପ ନିଆଯିବା ଲୋଡ଼ା । ସେଥିରେ ଆଇନଗତ ବ୍ୟବସ୍ଥାରେ କିଶୋର ନ୍ୟାୟ ନିୟମ ଏବଂ ଜେଜେବି କରାଯାଇଛି । ଯେଉଁ ଶିଶୁମାନେ ଅପରାଧ ଯୋଗୁଁ ଉପରୋକ୍ତ ବ୍ୟବସ୍ଥାରେ ଜୁଭେନାଇଲ ହୋମରେ ରହୁଛନ୍ତି ସେମାନଙ୍କୁ ନ୍ୟାୟ ଦେବାରେ ବିଳମ୍ବ କରାଗଲେ ଏବଂ ସେମାନଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ ହେଲେ ତାହା ଶିଶୁମାନଙ୍କର ଏପରି କ୍ଷତି କରିବ ଯାହା କଳ୍ପନାର ବାହାରେ । ଏପରି ଶିଶୁମାନଙ୍କୁ ଉପରୋକ୍ତ ବିପଦରୁ ସୁରକ୍ଷା ଦେଇ ସମାଜରେ ସେମାନଙ୍କୁ ମିଶାଇବା ସକାଶେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା । ସେହି ଲକ୍ଷ୍ୟ ଯେ ପୂରଣ ହେଉନାହିଁ ତାହା ଉପରୋକ୍ତ ରିପୋର୍ଟରେ କୁହାଯାଇଛି । ଏଣୁ ଏହାକୁ ଗମ୍ଭୀରତାର ସହ ନେଇ ସମସ୍ତ ମାନବୀୟ ଓ ସମାଜ ଉପରେ ପରିଣାମ ପରିପ୍ରେକ୍ଷୀରେ ସମସ୍ୟାର ପ୍ରତିକାର କରାଯିବା ଉଚିତ ।

**ଆଇନଜୀବୀ,**
**ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭**






■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଶୀତଦିନେ ପିଲାଙ୍କ ଦେହ ଖରାପ ରହୁଛି କି ?

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

**ବର୍ତ୍ତମାନ ଚାରିଆଡ଼େ କୁହୁଡ଼ିର ଚାଦର। ଶୀତୁଆ ପରିବେଶରେ କୋହଲା ଥଣ୍ଡା ପବନ ଜନ ଜୀବନକୁ ଅସ୍ତବ୍ୟସ୍ତ କରିବା ସହ ଅନେକଙ୍କ ପାଇଁ ବିଭିନ୍ନ ଶାରୀରିକ ସମସ୍ୟା ସବୁ ସୃଷ୍ଟି କରୁଛି। ଏହିପରି ସମୟରେ ବିଶେଷକରି ଶୀତ ଦିନେ ପ୍ରାୟତଃ ଶରୀର ଉତ୍ତାପ ଖୋଜିଥାଏ ଏବଂ ଥଣ୍ଡା ହେବା ସ୍ୱାଭାବିକ। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଶୀତୁଆ ପରିବେଶରେ ଝାଡ଼ାବାନ୍ତି ହେଲେ ଏହାକୁ ହାଲକା ଭାବେ ଗ୍ରହଣ କରନ୍ତୁ ନାହିଁ। ତେବେ ଏହାଠାରୁ ଆହୁରି ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶୀତ ଦିନରେ ଅସାଭାବିକ ଭାବେ ବାନ୍ତି ହେବା। ବାନ୍ତି ହେବା ଯେ ଏକ ବଡ଼ ରୋଗ ଆମେ କହୁନା କିନ୍ତୁ ଏହି ବାନ୍ତି ଓ୍ୱିଣ୍ଟର ଭୋମିଟିଂ ନୁହେଁ ତ?**






ଓ୍ୱିଣ୍ଟର ଭୋମିଟିଂର ମୂଳ କାରଣ ହୋଇଥାଏ ନୋରୋ ଭାଇରସ। ନୋରୋ ଭାଇସରକୁ ଶୀତକାଳୀନ ବାନ୍ତି ଭୂତାଣୁ ମଧ୍ୟ କୁହାଯାଇଥାଏ। ଏହା ଏପରି ଏକ ଭୂତାଣୁ ଯାହା ଶରୀରରେ ପ୍ରବେଶ କଲା ପରେ ବାନ୍ତି ଓ ବାରମ୍ବାର ମଳତ୍ୟାଗ ହେବାଭଳି ସମସ୍ୟା ସୃଷ୍ଟି ହୋଇଥାଏ। ବିଶେଷକରି ଶିଶୁ ମାନଙ୍କୁ ଏହି ଭୂତାଣୁ ଅଧିକ ହାନି ପହଞ୍ଚାଇଥାଏ। ଜଳ ଓ ବାୟୁ ଦ୍ୱାରା ବ୍ୟାପିଥାଏ ଏହି ଭାଇରସ। ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଏହାକୁ ଝାଡ଼ା ଓ ବାନ୍ତିର ଅଧିକ ସଂକ୍ରାମକ ରୂପ ବୋଲି କୁହାଯାଏ। ଏକ ଆମେରିକୀୟ ସ୍ୱାସ୍ଥ୍ୟ ପତ୍ରିକାରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ ପ୍ରତ୍ୟେକ ବର୍ଷ ଆମେରିକାରେ ପ୍ରାୟ ୨୦ ନିୟୁତରୁ ଅଧିକ ଲୋକ ନୋରୋ ଭାଇସରରେ ଆକ୍ରାନ୍ତ ହୁଅନ୍ତି। ୨୦୨୨-୨୩ ବର୍ଷ ତୁଳନାରେ ୨୦୨୪-୨୫ରେ ଏହି ଭାଇରସ ୪୯ ପ୍ରତିଶତ ବୃଦ୍ଧି ପାଇଥିବା ବିଭିନ୍ନ ରିସର୍ଚ୍ଚରୁ ସ୍ୱଷ୍ଟ ହୋଇଛି। ଭାରତରେ ଏହି ସ୍ୱାସ୍ଥ୍ୟ ସମସ୍ୟା ସବୁ ସ୍ଥାନରେ ଦେଖିବାକୁ ମିଳୁନଥିଲେ ବି କିଛି କିଛି ସ୍ଥାନରେ ଏହି ସମସ୍ୟା ପିଲାମାନଙ୍କ ଠାରେ ଦେଖିବାକୁ ମିଳୁଥିବାର ଖବର ଆସୁଛି।


ନୋରୋ ଭାଇସର ଲକ୍ଷଣ ଦେଖିବାକୁ ମିଳେ ସଂକ୍ରମଣର ୧୨ରୁ ୪୮ ଘଣ୍ଟା ମଧ୍ୟରେ। ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ସହ ଏହି ସଂକ୍ରମଣ ସମୟରେ ଅତ୍ୟଧିକ ମୁଣ୍ଡବିନ୍ଧା ମଧ୍ୟ ହୋଇଥାଏ। ପେଟ ଯନ୍ତ୍ରଣା ବଢ଼ିଲେ ଏହା ଆପଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭରକୁ ସଂକ୍ରମିତ କରିବାର ସମ୍ଭାବନା ରଖିଥାଏ ଯାହାଦ୍ୱାରା ପୀଡ଼ିତ ଜଣଙ୍କୁ ଭୋକ ଲାଗିନଥାଏ କିନ୍ତୁ କୌଣସି ପ୍ରକାର ଖାଦ୍ୟ ଏପରିକି ପାନୀୟ ଗ୍ରହଣ କରିବା ମାତ୍ରେ ତତ୍କାଳ ବାନ୍ତି ହୋଇଯାଏ। କିନ୍ତୁ ଜ୍ୱର କିମ୍ବା ବିଶେଷ ଭାବରେ ଶରୀରରେ ଯନ୍ତ୍ରଣା ଅନୁଭବ ହୁଏ ନାହିଁ। ଏହି ରୋଗ ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନାହିଁ। ରୋଗ ହେବା ପରେ ୨-୩ ଦିନ ଯାଏ ଏହି ଭାଇରସର ପ୍ରଭାବ ଦେଖିବାକୁ ମିଳେ। ୩ ଦିନ ଭିତରେ ହିଁ ଏହି ରୋଗ ଦୂରେଇ ଯାଏ। ଯେହେତୁ ଝାଡ଼ାବାନ୍ତି ରୋଗର ପ୍ରମୁଖ ଲକ୍ଷଣ, ତେଣୁ ଏହି ସଂକ୍ରମଣ ସମୟରେ ଅଧିକ ପାଣି ପିଇବା ଓ ଇଲେକ୍ଟ୍ରୋଲାଇଟ ଥିବା ତରଳ ପାନୀୟ ପିଇବା ଜରୁରୀ। ଶରୀରର ଜଳୀୟ ଅଂଶ ବଜାୟ ରଖିବା ଏହି ରୋଗର ପ୍ରମୁଖ ଚିକିତ୍ସା। ବାରମ୍ବାର ସାନିଟାଇଜର ଦ୍ୱାରା ହାତ ଧୋଇବା, ଶୌଚାଳୟକୁ ସଫା ରଖିବା, ଘରର ଚଟାଣ ଭଲ ଭାବେ ପରିଷ୍କାର କରିବା ପାଇଁ ଡିସଇନଫେକ୍ଟାଣ୍ଟ ବ୍ୟବହାର କରିବା ଦ୍ୱାରା ନୋରୋ ଭାଇରସର ସଂକ୍ରମଣ କମିଯାଇପାରେ। ଏହା ବ୍ୟତୀତ ସଂକ୍ରମିତ ବ୍ୟକ୍ତିଙ୍କ ସିଧାସଳଖ ସଂସ୍ପର୍ଶରେ ଆସିଲେ ମଧ୍ୟ ଏହି ରୋଗ ବ୍ୟାପିଥାଏ। ତେଣୁ ସଂକ୍ରମିତ ବ୍ୟକ୍ତିଙ୍କର ସିଧାସଳଖ ସଂପର୍କରେ ଆସିବାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନୋରୋ ଭାଇରସ ଦ୍ୱାରା ସଂକ୍ରମିତ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ ରୋଷେଇ କରିବା ମଧ୍ୟ ଅନୁଚିତ।

ଓ୍ୱିଣ୍ଟର ଭୋମିଟିଂରେ ସବୁ ବର୍ଗର ଲୋକ ଆକ୍ରାନ୍ତ ହେବାର ଆଶଙ୍କା ଥାଏ। କିନ୍ତୁ ବୟସ୍କ ଓ ଶିଶୁମାନଙ୍କ ପାଇଁ ସଂକ୍ରମଣ ଆଶଙ୍କା ଅଧିକ। ବିଦେଶରେ ବିଶେଷକରି ଆମେରିକାର ମିଶିଗାନ, କାଲିଫର୍ନିଆ, ନ୍ୟୁଜର୍ସି ଆଦି ସ୍ଥାନରୁ ଉଲ୍ଲେଖନୀୟ ସଂଖ୍ୟକ ରୋଗୀ ଚିହ୍ନଟ ହୋଇଛନ୍ତି। ଅଧ୍ୟୟନରୁ ଜଣାପଡ଼ିଛି ଯେ ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ବୟସ ୬୫ ବର୍ଷରୁ ଉର୍ଦ୍ଧ୍ୱ ଓ ବଳକା ସଂକ୍ରମିତଙ୍କ ମଧ୍ୟରେ ଶିଶୁମାନଙ୍କ ସଂଖ୍ୟା ଅଧିକ। ଅନ୍ୟ ଏକ ସଂକ୍ରମିତ ବହୁଳ ଅଞ୍ଚଳ ଭର୍ଜିନିଆରେ ବିଦ୍ୟାଳୟମାନଙ୍କରେ ଶିଶୁମାନେ ଅଧିକ ସଂକ୍ରମିତ ହେଉଥିବାର ନଜର ରହିଛି। ଓ୍ୱିଣ୍ଟର ଭୋମିଟର ଲକ୍ଷଣ ଦେଖାଗଲେ ଅବହେଳା ବା ଅଣଦେଖା କରିବା ଠିକ ନୁହେଁ। ଓ୍ୱିଣ୍ଟର ଭୋମିଟ ସମସ୍ୟା ବିଷୟରେ ଠିକ ଭାବେ ଡାକ୍ତରଙ୍କୁ ଜଣାଇପାରିଲେ ଶୀଘ୍ର ଆରୋଗ୍ୟ ହେବା ସହଜ ହୋଇଥାଏ। ସର୍ବପ୍ରଥମେ ଏ ନେଇ ନିକଟସ୍ଥ ସରକାରୀ ଡାକ୍ତରଖାନା କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ବିଶୁଦ୍ଧ ପାଣି ଓ ସୁଷମ ଖାଦ୍ୟ ଗ୍ରହଣ କରିବା ସହ ନିରାମିଷ ଖାଦ୍ୟ ସବୁଠାରୁ ଭଲ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ବାହାର ଖାଦ୍ୟ, ଫାଷ୍ଟଫୁଡ, ବାସି ଖାଦ୍ୟ ଓ ଫ୍ରିଜ୍‌ରେ ରହିଥିବା ଥଣ୍ଡା ଖାଦ୍ୟ ନଖାଇବା ଭଲ। ଭୋକ ନ ଲାଗୁଥିଲେ ବାଧ୍ୟବାଧକତାରେ କୌଣସି ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ। ଓ୍ୱିଣ୍ଟର ଭୋମିଟିଂ ସେପରି ଏକ ଗୁରୁତର ପେଟ ନୁହେଁ। ଏହାକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ କିମ୍ବା କୌଣସି ଗୁଜବକୁ ପ୍ରଚାର ପ୍ରସାର କରନ୍ତୁ ନାହିଁ। ବରଂ ନିଜେ ସତର୍କ ରହି ଅନ୍ୟମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଅନ୍ତୁ।

**ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**







ମହକ

# ଓଡ଼ିଶାରେ ସୌର ଉପାସନା ଓ ତିଳ ସପ୍ତମୀ

ସନାତନ ଆର୍ଯ୍ୟ ସଂସ୍କୃତିରେ ପ୍ରକୃତିକୁ ଉପାସନା କରିବାର ବିଧି ରହିଥିଲା ଏବଂ ରହିଛି ମଧ୍ୟ। ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ନଦୀ, ପର୍ବତ, ବୃକ୍ଷ ଏ ସମସ୍ତଙ୍କ ପାଖରୁ କିଛି ନା କିଛି ଉପକାର ମିଳେ ବୋଲି ଜାଣି ତାକୁ ପୂଜା କରି ଆସୁଛି। ବେଦରେ ମଧ୍ୟ ପ୍ରକୃତିର ପୂଜା ବିଷୟରେ କୁହାଯାଇଛି। ବେଦର ପ୍ରମୁଖ ଦେବତା ଭାବେ ଅଗ୍ନି, ସୂର୍ଯ୍ୟ ଓ ବାୟୁକୁ ପ୍ରଧାନ ଦେବତା ଭାବେ ଗ୍ରହଣ କରାଯାଇଛି। ସେହି ସମୟରୁ ହିଁ ଭଗବାନ ସୂର୍ଯ୍ୟଙ୍କ ପୂଜା ଚାଲି ଆସିଛି। ଆଦିମ ମନୁଷ୍ୟ ମଧ୍ୟ ବୁଝିଥିଲେ ଯେ ସୂର୍ଯ୍ୟ ସର୍ବ ଶକ୍ତିମାନ। ସେ ସକଳ ଶକ୍ତିର ଆଧାର। ସୂର୍ଯ୍ୟଙ୍କ ରଶ୍ମିରେ ଅନେକ ଦୁରାସାଧ୍ୟ ରୋଗର ନିରାକରଣ ଶକ୍ତି ରହିଛି। ତେଣୁ ଆଦିମ ଯୁଗରୁ ସୂର୍ଯ୍ୟ ପୂଜାର ପ୍ରସିଦ୍ଧି ରହିଛି। ଶାସ୍ତ୍ର କହେ ଆରୋଗ୍ୟାଦ୍ ଭାସ୍କର ମିଚ୍ଛେଦ୍ ଜ୍ଞାନ ମିଚ୍ଛେଦ ଶଙ୍କରାତ୍। ଅର୍ଥାତ୍ ଶରୀର ଆରୋଗ୍ୟ ପାଇଁ ସୂର୍ଯ୍ୟଙ୍କୁ ପୂଜା କରିବା ଆବଶ୍ୟକ। ସୂର୍ଯ୍ୟ ହେଉଛନ୍ତି ଜୀବ ସୃଷ୍ଟିର ମୂଳାଧାର। ସେ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଦେବତା। ତେଣୁ ମନୁଷ୍ୟ ନିଜର ଦୈନନ୍ଦିନ କାର୍ଯ୍ୟ କରିବା ପୂର୍ବରୁ ସୂର୍ଯ୍ୟ ପୂଜା କରୁଛି।

ପୁରାଣରେ ବର୍ଣ୍ଣନା ରହିଛି ସୂର୍ଯ୍ୟଙ୍କ ଜନ୍ମ ସ୍ଥାନ କଳିଙ୍ଗ ଦେଶ। ସେ ମାଘ ଶୁକ୍ଳ ସପ୍ତମୀ ଦିନ ଜନ୍ମ ଗ୍ରହଣ କରିଥିଲେ। କଳିଙ୍ଗ ଦେଶ ସମ୍ଭୁତମ୍ ଦାଡ଼ିମୋ କୁସୁମ ପ୍ରଭମ୍। ତେଣୁ ଓଡ଼ିଶାରେ ଏହି ପୂଜାର ପ୍ରଚଳନ ବିଶେଷ ଭାବେ ଦେଖିବାକୁ ମିଳେ। କୋଣାର୍କ ହେଉଛି ସୂର୍ଯ୍ୟ ଉପାସନାର ପ୍ରକୃଷ୍ଟ ପୀଠ। ଆକାଶରେ ଚଳମାନ ସୂର୍ଯ୍ୟଙ୍କୁ ଲୋକେ ପୂଜା କରିଥାନ୍ତି। କୋଣାର୍କର ମନ୍ଦିରର କଳା ଓ ଭାସ୍କର୍ଯ୍ୟ ବାସ୍ତବିକ୍ ଅନ୍ୟତ୍ର ବିରଳ। ମୈତ୍ରେୟ ମୁନିଙ୍କ ତପସ୍ୟା ପ୍ରଭାବରେ ଏହି କ୍ଷେତ୍ର ସୃଷ୍ଟି ହୋଇଥିଲା ବୋଲି ଏ କ୍ଷେତ୍ର କୁ ମୈତ୍ରେୟ ବନ ବୋଲି ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ସାରଳା ମହାଭାରତର ବନ ପର୍ବରେ ଏହି କ୍ଷେତ୍ରରେ ଭଗବାନ ସୂର୍ଯ୍ୟ ଅର୍କ ନାମକ ଦୈତ୍ୟକୁ ବଧ କରିଥିବାରୁ ଏହାକୁ ଅର୍କକ୍ଷେତ୍ର ବୋଲି କୁହାଯାଏ। ପୁନଶ୍ଚ ସୂର୍ଯ୍ୟଙ୍କ ଅନ୍ୟ ନାମ ଅର୍କ। ଏହି ସ୍ଥାନରେ ସୂର୍ଯ୍ୟୋଦୟ ଏକ କୋଣରୁ ହେଉଥିବାରୁ ଏହାର ନାମ କୋଣାର୍କ ହୋଇଛି। ବିଭିନ୍ନ ପୁରାଣରେ ଏହି କ୍ଷେତ୍ରର ନାମ ଭିନ୍ନ ଭିନ୍ନ ରହିଛି। ବ୍ରହ୍ମ ପୁରାଣରେ କୋଣାଦିତ୍ୟ, ଶିବ ଓ ସ୍କନ୍ଦ ପୁରାଣରେ ସୂର୍ଯ୍ୟକ୍ଷେତ୍ର, ପଦ୍ମ ପୁରାଣର ପ୍ରାଚୀ ମାହାତ୍ମ୍ୟରେ ଅର୍କକ୍ଷେତ୍ର, ଭବିଷ୍ୟ ପୁରାଣରେ ମିତ୍ରବନ, ଶାମ୍ବ ପୁରାଣରେ ମୈତ୍ରେୟ ବନ, କପିଳ ସଂହିତାରେ ରବିକ୍ଷେତ୍ର ନାମରେ ପ୍ରସିଦ୍ଧି ଅର୍ଜନ କରିଛି। ଏହି କ୍ଷେତ୍ରକୁ ପଦ୍ମ କ୍ଷେତ୍ର ବୋଲି ମଧ୍ୟ କୁହାଯାଏ। କୋଣାର୍କ କ୍ଷେତ୍ର ମାହାତ୍ମ୍ୟରୁ ଜଣାଯାଏ ଯେ ସ୍ୱୟଂ ସୂର୍ଯ୍ୟ ଏଠାରେ ପାଦ ପ୍ରକ୍ଷାଳନ କରିଥିଲେ। ଶିବ ମଧ୍ୟ ବ୍ରହ୍ମାଙ୍କ ଶିର ଛେଦନ ଜନିତ ପାପରୁ ମୁକ୍ତି ପାଇବା ପାଇଁ ଏହି କ୍ଷେତ୍ରରେ ତପସ୍ୟା କରିଥିଲେ। ଆହୁରି ମଧ୍ୟ ଏ କ୍ଷେତ୍ର ସଂଲଗ୍ନ ଅଷ୍ଟଚଣ୍ଡି, ଅଷ୍ଟ ଶମ୍ଭୁ, କହ୍ଲାର ଗଣ୍ଡ, ମହୋଦଧି, ଅର୍କବଟ, ମଙ୍ଗଳା, ଶାଲ୍ମଳୀ ଭାଣ୍ଡ, ଚନ୍ଦ୍ରଭାଗା ତୀର୍ଥ ଥିବାରୁ ଏହା ଏକ ପୁଣ୍ୟ କ୍ଷେତ୍ର ଭାବେ ପରିଗଣିତ ହୋଇଥାଏ।

ଓଡ଼ିଶାରେ ସୌର ଉପାସନାର ପ୍ରଥମ ପୀଠ ହେଉଛି କୋଣାର୍କ। ପୂର୍ବେ ଏହି ମନ୍ଦିର ରେ ସୂର୍ଯ୍ୟ ଦେବଙ୍କ ବିଶାଳ ମୂର୍ତ୍ତି ରହିଥିଲା। କାଳର କରାଳ ଗର୍ଭରେ ଏବେ ସେଠାରେ ସୂର୍ଯ୍ୟ ମୂର୍ତ୍ତି ନାହିଁ କି ମନ୍ଦିର ମଧ୍ୟ ନାହିଁ। କେବଳ ସୂକ୍ଷ୍ମ କାରୁକାର୍ଯ୍ୟ ବିମଣ୍ଡିତ ମୁଖଶାଳାଟି ଅତୀତର କୀର୍ତ୍ତିକୁ ମନେ ପକାଇ ଦେଉଛି। ଏହି କ୍ଷେତ୍ରରେ ମଧ୍ୟ ପଞ୍ଚ ତୀର୍ଥ ରହିଛନ୍ତି।

ଆବଟେ ଶାଲ୍ମଦୀ ଭାଣ୍ଡେ ସୂର୍ଯ୍ୟ ଗଙ୍ଗା ମହୋଦଧି
ଚନ୍ଦ୍ରଭାଗା କରେତ୍ ସ୍ନାନଂ ପୁନର୍ଜନ୍ମ ନ ଲଭ୍ୟତେ।

ପୂର୍ବେ ସମୁଦ୍ର କୂଳରେ ଏକ ବଟବୃକ୍ଷ ଥିଲା। ଯାହାକୁ ଅର୍କବଟ ବୋଲି କୁହାଯାଉଥିଲା। ଏବେ ସେ ବଟ ନାହିଁ କିନ୍ତୁ ସେଠାରେ ବଟେଶ୍ୱର ମହାଦେବ ପୂଜା ପାଆନ୍ତି। କୋଣାର୍କରୁ ଦୁଇ ମାଇଲ ଦୂରରେ ଏକ ତୀର୍ଥ ସ୍ଥଳ ରହିଥିବା କପିଳ ସଂହିତାରୁ ଜଣାପଡେ। ଯାହା ଶାଲ୍ମନ୍ଦୀ ଭାଣ୍ଡ ନାମରେ ନାମିତ। ଏବେ ଏହା ଏକ ପୁଷ୍କରିଣୀ ଭାବେ ରହିଛି। ଲୋକେ ଏହାକୁ ଶିମିଳି ଗଣ୍ଡ ବୋଲି



କହୁଛନ୍ତି। କୋଣାର୍କ ନିକଟବର୍ତ୍ତୀ ମାଧିପୁର ଗ୍ରାମରେ ତ୍ରିବେଣୀଶ୍ୱରଙ୍କ ନିକଟରେ ଏକ କୁଣ୍ଡ ରହିଛି, ଯାହାକୁ ସୂର୍ଯ୍ୟ ଗଙ୍ଗା କୁହାଯାଏ। କୋଣାର୍କ ନିକଟରେ ସମୁଦ୍ର ଏବଂ ଚନ୍ଦ୍ରଭାଗା ତୀର୍ଥ ରହିଛି। ଏ ସମସ୍ତ ତୀର୍ଥରେ ମାଘ ସପ୍ତମୀ ଦିନ ବୁଡ଼ ପକାଇବା ସହ ଦାନ ପୁଣ୍ୟ କଲେ ମନୁଷ୍ୟର ସର୍ବବିଧ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏଣୁ ଏ ଅଞ୍ଚଳ ଏକ ପବିତ୍ର କ୍ଷେତ୍ର। ସୌର ଉପାସନାର ପ୍ରମୁଖ ପର୍ବ ଭାବେ ଶାମ୍ବ ଦଶମୀ ଓ ତିଳ ସପ୍ତମୀକୁ ଗ୍ରହଣ କରାଯାଇଛି। କୋଣାର୍କରେ ତିଳ ସପ୍ତମୀ ଦିନ ମାଘ ମେଳା ଅନୁଷ୍ଠିତ ହୁଏ। ଉକ୍ତ ଦିନ ଅଷ୍ଟ ଶମ୍ଭୁ ଓ ଅଷ୍ଟ ଚଣ୍ଡୀ ଙ୍କ ସମେତ କୋଣାର୍କରେ ବିଜେ ପ୍ରତିମା ଚନ୍ଦ୍ର ଓ ସୂର୍ଯ୍ୟ ରଥରେ ବସି ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ। ଅଧୁନା ଈଶାନେଶ୍ୱର, ତ୍ରିବେଣୀଶ୍ୱର ଓ ଦକ୍ଷିଣେଶ୍ୱର ଦେବ ମେଳା ସ୍ଥାନକୁ ଯାତ୍ରା କରୁଛନ୍ତି। ଏହି ଯାତ୍ରା ପାଇଁ ଷଷ୍ଠୀ ଦିନ ରାତିରେ ଲୋକମାନେ ଜମା ହୁଅନ୍ତି। ଭୋରରୁ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କରି ସୂର୍ଯ୍ୟ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି। କୁହାଯାଇଛି -

ଜନନୀ ସର୍ବ ଭୂତାନାଂ ସପ୍ତମୀ ସପ୍ତ ସପ୍ତିକେ
ସର୍ବ ବ୍ୟାହୃତିକେ ଦେବୀ ନମସ୍ତେ ରବି ମଣ୍ଡଳେ।

ପରମ୍ପରା କ୍ରମେ ଅଦ୍ୟାବଧି ଜନସାଧାରଣ ଏହି ସ୍ଥାନକୁ ଆସି ବୁଡ ପକାଇ ସୂର୍ଯ୍ୟ ଦର୍ଶନ ସହ ଦାନ ପୁଣ୍ୟ କରି ଆସୁଛନ୍ତି। କୋଣାର୍କ ପରେ ଦ୍ୱିତୀୟ ସୂର୍ଯ୍ୟ ଉପାସନାର ପୀଠ ଭାବେ ଗଞ୍ଜାମ ଜିଲ୍ଲାର ବୁଗୁଡ଼ାରେ ଥିବା ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରକୁ ଗ୍ରହଣ କରାଯାଇଛି। ଏହି କ୍ଷେତ୍ରକୁ ଦ୍ୱିତୀୟ ଅର୍କକ୍ଷେତ୍ର ବୋଲି ମଧ୍ୟ କୁହାଯାଏ। କୋଣାର୍କ ମନ୍ଦିରର କଳା କାରୁକାର୍ଯ୍ୟ ପ୍ରସ୍ତରରେ ହୋଇଥିବା ବେଳେ ଏଠାରେ କାଠରେ ସୁନ୍ଦର କାରୁକାର୍ଯ୍ୟ ଖୋଦିତ ହୋଇଛି। ତେଣୁ ଏହାକୁ କାଷ୍ଠ କୋଣାର୍କ ମଧ୍ୟ କୁହାଯାଉଛି। ଏହି ମନ୍ଦିର ଟି ୧୮୨୨ ମସିହାରେ ଘୁମୁସରର ରାଜର୍ଷି ଶ୍ରୀକର ଭଞ୍ଜଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଉକ୍ତ ମନ୍ଦିରଟି ଧାବମାନ ରଥ ସଦୃଶ୍ୟ।ଏହା ପଶ୍ଚିମ ମୁଖ। ଅସ୍ତକାଳୀନ ସୂର୍ଯ୍ୟଙ୍କ ଶେଷ କିରଣ ଏହି ମନ୍ଦିରର ପ୍ରତିମାଙ୍କ ପାଦ ସ୍ପର୍ଶ କରିଥାଏ। ମନ୍ଦିର ଆଗରେ ସାତଗୋଟି ଅଶ୍ୱ ରହିଛନ୍ତି। ଦ୍ୱାର ସମ୍ମୁଖରେ ଅରୁଣ ସ୍ତମ୍ଭ ବିଦ୍ୟମାନ। ଗୋଟିଏ ଚକ ରହିଅଛି। ସୂର୍ଯ୍ୟଙ୍କ ବର୍ଣ୍ଣନା ଅନୁସାରେ ଏକ ଚକ୍ରୋ ରଥୋ ଯସ୍ୟ ଦିବ୍ୟ କନକ ଭୂଷଣ। ଉକ୍ତ ମନ୍ଦିରରେ ସୂର୍ଯ୍ୟ ଦେବଙ୍କ ତିନୋଟି ବିଗ୍ରହ ପୂଜା ପାଉଛନ୍ତି। ମଝିରେ ଶିଳା ବିଗ୍ରହ, ଦକ୍ଷିଣରେ ଦାରୁ ବିଗ୍ରହ ଓ ବାମରେ ଧାତୁ ବିଗ୍ରହ ରହିଛନ୍ତି। ସୂର୍ଯ୍ୟ ମୂର୍ତ୍ତିଟି ଦ୍ୱିଭୁଜ। ଦୁଇଟି ହସ୍ତରେ ଦୁଇଟି ପଦ୍ମ ଧାରଣ କରିଛନ୍ତି। ସଂପୂର୍ଣ୍ଣ ରାଜକୀୟ ପରିପାଟୀ। ରାଜକୀୟ ପରିଚ୍ଛଦ। ଅଣ୍ଟାରେ ଛୁରୀ। ସିଂହାସନର ଉପର ପାର୍ଶ୍ୱରେ ଦୁଇଟି ସଖୀ ପୁଷ୍ପମାଳ ଧରି ଉଡ଼ିୟମାନ। ମନ୍ଦିରର ଭଦ୍ର ମଣ୍ଡପରେ କାଷ୍ଠ ନିର୍ମିତ ଚାନ୍ଦୁଆ ଓ ପଣସୁଆ ଶୋଭା ପାଉଛି। ଛାତର ନିମ୍ନ ଭାଗରେ ଦଶ ମହାବିଦ୍ୟା, ଦଶ ଦିଗପାଳ, ନବଗ୍ରହ, ସହିତ ରାମାୟଣ ଓ ମହାଭାରତର ବିଭିନ୍ନ କଥାବସ୍ତୁ, ତତ୍ ସହିତ ଲତା ପୁଷ୍ପ, ଜୀବଜନ୍ତୁ ଆଦିର ନିଖୁଣ କାରୁକାର୍ଯ୍ୟ ଯେ କୌଣସି ଭକ୍ତର ଚିତ୍ତ ହରଣ କରେ। ରଥର ତିନି ପାର୍ଶ୍ୱରେ ମାର୍ତ୍ତଣ୍ଡ ଭୈରବ, ବିଶ୍ୱବ୍ୟାପକ, ସେନାନ୍ୟେଷ ରହିଛନ୍ତି। ଦ୍ୱାରପାଳ ଭାବରେ ମାଠର ଓ ଦଣ୍ଡ ପିଙ୍ଗଳ ବିଦ୍ୟମାନ। ରଥ ଗର୍ଭରେ ବ୍ରହ୍ମା ଅଧିଷ୍ଠାନ କରନ୍ତି।

ଉକ୍ତ ମନ୍ଦିରରେ ସୂର୍ଯ୍ୟଙ୍କ ପୂଜା ଆଡ଼ମ୍ବରରେ ପାଳିତ ହୁଏ। ପ୍ରତିବର୍ଷ ମାଘ ଶୁକ୍ଳ ସପ୍ତମୀ ଦିନ ଏଠାରେ ତ୍ରିକାଳ ପୂଜା, ଅବକାଶ, ବେଶ, ପୂଜା ହୋମ କରାଯାଇଥାଏ। ପ୍ରାତଃ କାଳରୁ ଅବକାଶ ନୀତି ସରିବା ପରେ ସ୍ୱତନ୍ତ୍ର ବେଶ ଓ ପୂଜା ଅନୁଷ୍ଠିତ ହୁଏ। ମନ୍ଦିରର ଶୋତ୍ରୀୟ ପଣ୍ଡିତମାନଙ୍କ ଦ୍ୱାରା ପୂର୍ବାହ୍ନରେ ପୂଜା, ହୋମ ଓ ରଥପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ ହୁଏ। ଅପରାହ୍ନରେ ମନ୍ଦିରରେ ଥିବା ଦାରୁ ବିଗ୍ରହଙ୍କୁ ରଥରେ ବିଜେ କରାଇ ନାନାବିଧ ବାଦ୍ୟବାଜଣା ସହ ବିରାଟ ପଟୁଆରରେ ବଳଦେବ ସ୍ୱାମୀଙ୍କ ମନ୍ଦିର ପର୍ଯ୍ୟନ୍ତ ରଥ ଟଣାଯାଏ। ସେଠାରେ ଶ୍ରୀବିଗ୍ରହଙ୍କୁ ଆଳତୀ ଓ ପୂଜା ଅନୁଷ୍ଠିତ ହେଲାପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ବିଳମ୍ବିତ ରାତ୍ରରେ ପୁନର୍ବାର ମନ୍ଦିରକୁ ଅଣାଯାଏ। ଉକ୍ତ ଦିନ ମନ୍ଦିର ପରିସରରେ ଥିବା ବାମ୍ପି ଜଳରେ ଭକ୍ତ ମାନେ ମାନସିକ କରି ପୂଜା କରିବା ସହ ସ୍ନାନ କରିଥାନ୍ତି। ବିଶ୍ୱାସ ରହିଛି ଯେ କୌଣସି ଚର୍ମ ରୋଗୀ ଏହି ବାମ୍ପୀ ଜଳରେ ସ୍ନାନ କଲେ ଭଲ ହୋଇଥାଏ। ମାନସିକ କରି ଠାକୁରଙ୍କୁ ବିଞ୍ଚଣା, ବିରି, ବାଇଗଣ, ଛାଞ୍ଚୁଣୀ, ଚାଉଳ ଆଦି ଦିଆଯାଏ।

କୋଣାର୍କ ବ୍ୟତୀତ କେବଳ ଏହି କ୍ଷେତ୍ରରେ ତିଳ ସପ୍ତମୀ ଦିନ ରଥ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପୁରୀ ଶ୍ରୀମନ୍ଦିର ବେଢାରେ ଥିବା ସୂର୍ଯ୍ୟ ମନ୍ଦିର, ଭଦ୍ରକ ପାଳିଆ ଠାରେ ଥିବା ବିରଞ୍ଚି ମନ୍ଦିରରେ ମଧ୍ୟ କେବଳ ପୂଜା ବିଧି କରାଯାଏ। ଏ ସମସ୍ତ ବିଷୟକୁ ତାତ୍ତ୍ୱିକ ଅନୁଶୀଳନ କଲେ ଜଣାଯାଏ ଯେ ଉଭୟ ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଦୃଷ୍ଟିରୁ ସୂର୍ଯ୍ୟଙ୍କ ପୂଜା ଅବଶ୍ୟ କର୍ତ୍ତବ୍ୟ। ସୂର୍ଯ୍ୟ ସୃଷ୍ଟି ସ୍ଥିତି ପ୍ରଳୟର କାରଣ। ତାଙ୍କରି ବିନା ଏ ଜୀବଜଗତର ମଣିଷ ତିଷ୍ଠିବା କଷ୍ଟକର। ସୂର୍ଯ୍ୟ ହିଁ ମେଘ ସୃଷ୍ଟିକାରୀ। ଶାସ୍ତ୍ରରେ କୁହାଯାଇଛି ଆଦିତ୍ୟାଦ୍ ଜାୟତେ ବୃଷ୍ଟି ବୃଷ୍ଟିରନ୍ନମ୍ ତଥା ପ୍ରଜା। ପ୍ରେରଣାଦାତା, ଭାବରେ ସୂର୍ଯ୍ୟ ଗ୍ରହଣୀୟ। ତେଣୁ ସୂର୍ଯ୍ୟଙ୍କ ଉପାସନା ଆମ ସଂସ୍କୃତିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ଦୃଢ ଭାବେ ଘୋଷଣା କରାଯାଇ ପାରେ।

**-ବୈଷ୍ଣବ ଚରଣ ଦାଶ (ଗବେଷକ),**
**ବୀରଧନଞ୍ଜୟପୁର, ବୁଗୁଡ଼ା, ଗଞ୍ଜାମ,**
**ମୋ-୯୭୭୬୫୩୪୯୩୦**

## ଏହି ସପ୍ତାହ, ସେହି ବର୍ଷ (ଜାନୁଆରୀ ୨୫-୩୧)

### ଏଇ ସପ୍ତାହ


ଜାନୁଆରୀ ୨୫, ୧୯୮୦-ପ୍ରସିଦ୍ଧ ସମାଜସେବୀ ମଦର ଟେରେସାଙ୍କୁ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା।




ଜାନୁଆରୀ ୨୬, ୨୦୦୨-ଦେଶର ୫୩ତମ ଗଣତନ୍ତ୍ର ଦିବସରେ ଅଗ୍ନି-୨ ମିସାଇଲ୍ ଆକର୍ଷଣର କେନ୍ଦ୍ର ରହିଥିଲା।



ଜାନୁଆରୀ ୨୭, ୧୯୬୭-ଆପୋଲୋ-୧ ଦୁର୍ଘଟଣାରେ ତିନି ଜଣ ଅନ୍ତରୀକ୍ଷ ଯାତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା।




ଜାନୁଆରୀ ୨୮, ୧୯୩୫-ଆଇସ୍‌ଲ୍ୟାଣ୍ଡ ଗର୍ଭପାତକୁ କାନୁନୀ ସ୍ୱୀକୃତି ଦେଇଥିବା ପ୍ରଥମ ଦେଶ ହୋଇଥିଲା।




ଜାନୁଆରୀ ୨୯, ୧୯୧୬-ପ୍ରଥମ ବିଶ୍ୱଯୁଦ୍ଧରେ ପ୍ୟାରିସ୍ ଉପରେ ଜର୍ମାନୀ ପ୍ରଥମ ଥର ଆକ୍ରମଣ କରିଥିଲା।



ଜାନୁଆରୀ ୩୦, ୧୯୪୮-ଏହି ଦିନ ଗାନ୍ଧିଜୀଙ୍କୁ ହତ୍ୟା କରାଯାଇଥିଲା।




ଜାନୁଆରୀ ୩୧, ୧୮୯୩-'କୋକା କୋଲା' ଟ୍ରେଡ୍‌ମାର୍କକୁ ଆମେରିକାରେ ପେଟେଣ୍ଟ କରାଯାଇଥିଲା।



# ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସକ

ରଘୁନାଥ ମହାପାତ୍ର

**ଆମ ହିନ୍ଦୁ ସମାଜରେ ଧନଧାନ୍ୟ ଓ ସୁଖ ସମୃଦ୍ଧି ଲାଭ ପାଇଁ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଘରର ନବ ବଧୂମାନେ ହେଲେ ଗୃହଲକ୍ଷ୍ମୀ, ରାଜ ଉଆସରେ ପୂଜା ପାଉଥିବା ଦେବୀ ହେଲେ ରାଜଲକ୍ଷ୍ମୀ, ମନ୍ଦିରରେ ପୂଜା ପାଉଥିବା ଦେବୀ ହେଲେ ଶ୍ରୀଲକ୍ଷ୍ମୀ, ମହାଲକ୍ଷ୍ମୀ, କୁମାର ପୂର୍ଣ୍ଣମୀରେ ପୂଜା ପାଉଥିବା ଦେବୀ ହେଲେ ଗଜଲକ୍ଷ୍ମୀ। ଲକ୍ଷ୍ମୀଙ୍କର ଅନେକ ରୂପ ଅନେକ ନାମ ରହିଛି। ସାତ୍ତ୍ୱିକ ପୂଜା କଲେ ଲକ୍ଷ୍ମୀ ଯାହା ଦାନ କରନ୍ତି ସେଥିରେ ପରିବାରର ମଙ୍ଗଳ ହୁଏ କର୍ତ୍ତାଙ୍କର ଧନ ସଂପଦ ବୃଦ୍ଧି ଘଟେ।**



କିନ୍ତୁ ବର୍ତ୍ତମାନ ଯୁଗରେ ଆଉ ଲୋକମାନେ ଲକ୍ଷ୍ମୀଙ୍କର ସାତ୍ତ୍ୱିକ ପୂଜା ଉପାସନା କରି ଧନ ମାଗୁ ନାହାଁନ୍ତି। ଏ ସାତ୍ତ୍ୱିକ ପୂଜାର ଧନ ସାଧାରଣ ଭାବେ ଆସେ ସାଧାରଣ ଭାବେ ଖର୍ଚ୍ଚ ହୁଏ। କିନ୍ତୁ ଦୁର୍ନୀତିଗସ୍ତ ସରକାରୀ କର୍ମଚାରୀ, ରାଜନେତା ଏମାନେ ଅଳ୍ପ ଧନରେ ସନ୍ତୁଷ୍ଟ ନୁହଁନ୍ତି। ଏମାନଙ୍କର ଉପାସନାର ଦେବୀ ହେଲେ ଦୁର୍ନୀତି ଲକ୍ଷ୍ମୀ। ଏମାନେ ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସନା କରି ମାଗନ୍ତି ଟଙ୍କା ଦେ, ସୁନା ଦେ, ଭୂମି ଦେ, କୋଠା ଦେ, ଗାଡ଼ି ଦେ, ଘୋଡ଼ା ଦେ, ଉଚ୍ଚପଦବୀ ଦେ। ଏମାନଙ୍କ ବ୍ୟାକୁଳତାରେ ଲକ୍ଷ୍ମୀ ମୃଦୁ ମୃଦୁ ହସନ୍ତି ଏବଂ ହାତ ଖୋଲି ଏମାନଙ୍କ କୋଳରେ ଟଙ୍କା, ସୁନା, ରୂପା, କୋଠା, ଜମି, ଗାଡ଼ି ସବୁ ଦେଇ ଦିଅନ୍ତି। ସେତେବେଳେ ଏହି ଦୁର୍ନୀତିର ଉପାସକମାନେ ଛାତି ଫୁଲେଇ, ନିଶ ଫୁଲେଇ ସେମାନଙ୍କର ପାରିବାର ପଣିଆ ଦେଖାନ୍ତି। ପିତା, ମାତା, ଭାଇ ବନ୍ଧୁ, ଶାଶୁ ଶଶୁର ସମସ୍ତେ ଚମତ୍କୃତ ହୁଅନ୍ତି କହି ବୁଲନ୍ତି ଆମ ପୁଅ ମନ୍ତ୍ରୀଙ୍କ ଡାହାଣ ହାତ ଯାହା ଚାହିଁବ ତାହା କରିପାରିବ। ସବୁ ବଡ଼ ବଡ଼ିଆ ହାତ ମୁଠାରେ, କେହି କିଛି କରିପାରିବେ ନାହିଁ। ଦୁର୍ନୀତି ଉପାର୍ଜିତ ଧନ ବଢ଼ି ବଢ଼ି ଚାଲେ।





ହଠାତ୍ ଦିନେ ଭୋର ଚାରିଟା ବେଳେ ବାବୁଙ୍କ ଘର ଚାରିକଡ଼ରେ ଘେରି ଯାଆନ୍ତି ପୁଲିସ ଦଳ। କଲିଙ୍ଗ ବେଲ ବାଜିଉଠେ, ବାବୁ ବିଛଣାରୁ ଉଠି ବାହାରି ଆସନ୍ତି ଦୋତାଲର ବାଲକୋନୀ ଉପରକୁ। ପୁଲିସ ଦଳ କବାଟ ଠକ ଠକ କରନ୍ତି ସାର କବାଟ ଖୋଲନ୍ତୁ। କୋର୍ଟରୁ ୱାରେଣ୍ଟ ଧରି ଆସୁଛୁ ଆପଣଙ୍କ ଘର ଖାନତଲାସ ହେବ। ବାବୁଙ୍କ ମୁହଁ କଳା କାଠ ପଡ଼ିଯାଏ। ପଳେଇ ଯିବାର ବାଟ ନାହିଁ। କବାଟ ଖୋଲିଯାଏ ପୁଲିସ ଦଳ ସବୁ ଘରକୁ ଜଗି ଯାଆନ୍ତି, ଚାଲେ ଖାନତଲାସ। ଆଲମାରି ଭିତରେ ପାଞ୍ଚ ଶହ ଟଙ୍କିଆର ନୋଟ ବିଡ଼ା ଥାକ ଥାକ ହୋଇ ଖୁନ୍ଦି ହୋଇଛି। ଆଇରନ ଚେଷ୍ଟ ଭିତରେ କିଲୋ କିଲୋ ସୁନାର ଗହଣା। ଭିଜିଲାନ୍ସ ବାଲାଙ୍କର ଆଖି ଖୋସି ହୋଇଯାଏ। ମେସିନି ଆଣି ଟଙ୍କା ଗଣାଯାଏ। କେଉଁଠି କୋଟିଏ ଭିତର ତ କେଉଁଠି କୋଟି କୋଟିର ବଣ୍ଡଲ। କେବଳ ସେତିକି ନୁହେଁ ସହର ଭିତରେ ଅନେକ ପ୍ଲଟ, କୋଠା, ଗାଡ଼ି ଆହୁରି ଅଚଳାଚଳ ସମ୍ପତ୍ତିର କାଗଜପତ୍ର। କାହାର ରାଜ୍ୟ ବାହାରେ ତ କାହାର ଦେଶ ବାହାରେ ମଧ୍ୟ କୋଠା ବାଡ଼ି ଆହୁରି ମଧ୍ୟ ବ୍ୟାଙ୍କ ବାଲାନ୍ସ।

ସେତିକି ବେଳେ ଲକ୍ଷ୍ମୀ ଠାକୁରାଣୀ ସେ ଘର ଛାଡ଼ି ଚାଲିଯାଆନ୍ତି। ପ୍ରବେଶ କରନ୍ତି ଅଲକ୍ଷ୍ମୀ। ସକାଳୁ ସକାଳୁ ଧରା ପଡ଼ିଥିବା ବାବୁ ମାନଙ୍କ ଫଟୋ ସହିତ ଗଣମାଧ୍ୟମରେ ବାହାରି ପଡ଼େ ବଡ଼ ବଡ଼ ଖବର। ଦୁର୍ନୀତିଗ୍ରସ୍ତ ତହସିଲଦାରଙ୍କ ଠାରୁ ପୁଲିସ ଅଫିସର, ଇଞ୍ଜିନିୟରଙ୍କ ଠାରୁ ସିଭିଲ ସପ୍ଲାଏ ଅଫିସର, ଫରେଷ୍ଟରଙ୍କ ଠାରୁ କେଡ଼େ କେଡ଼େ ବିଭାଗର ଟାଣୁଆ ଟାଣୁଆ ଅଫିସରଙ୍କ ନାମ, ହାତ କଡ଼ି ପଡ଼ି ଯାଆନ୍ତି ଜେଲକୁ। ଏହି ବାବୁମାନେ କେବଳ ନିଜେ ଲଜ୍ଜିତ ହୁଅନ୍ତି ନାହିଁ। ପିତା, ମାତା, ଶାଶୁ ଶଶୁର, ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ଲଜ୍ୟାରେ ବୁଡ଼ାଇ ଦିଅନ୍ତି। ସମସ୍ତଙ୍କ ମୁହଁ କଳା ପଡ଼ିଯାଏ। ଯେଉଁମାନେ ଦିନେ ତାଙ୍କୁ ମନ୍ତ୍ରୀଙ୍କ ଡାହାଣ ହାତ ବା ପାୱାରଫୁଲ ବଡ଼ ନେତା ବା ବଡ଼ ଅଫିସରଙ୍କ ପାଖ ଲୋକ ବୋଲି କହୁଥିଲେ ଏବେ କ'ଣ କହିବେ ସେ ଶବ୍ଦ ତାଙ୍କୁ ବୋଧେ ହୁଏ ମିଳୁନାହିଁ।

ହେ ଦୁର୍ନୀତି ଗ୍ରସ୍ତ ବାବୁମାନେ ତୁମେ ଯେଉଁ ଧନ ଚୋରୀ କରିଛ ସେ ଧନ ସରକାରଙ୍କର ନୁହେଁ। ସେ ଟଙ୍କା ହେଉଛି ସାଧାରଣ ଲୋକଙ୍କ ଟ୍ୟାକ୍ସ ଟଙ୍କା। ସାଧାରଣ ଲୋକଙ୍କ ଟଙ୍କାକୁ ଚୋରୀ କରି ତୁମ ବଡ଼ ଲୋକ ହେବାର ଯେଉଁ ସ୍ୱପ୍ନ ଦେଖୁଛ ତାହା ସଫଳ ହେବନାହିଁ। ଟଙ୍କା ପଇସା ଯିବ, ସୁନା ରୂପା, ଗହଣା ଯିବ ତୁମର ପେନସନ ବନ୍ଦ ହେବ ଶେଷରେ ପାଞ୍ଚ ବର୍ଷ କି ଦଶ ବର୍ଷ ଜେଲ ଭୋଗିବ। ତୁମର ଏହି ପାପ କର୍ମ ପାଇଁ ତୁମର ବଂଶଧର ମାନେ ନିନ୍ଦିତ ହେବେ, ଅପମାନିତ ହେବେ। ତୁମର ପୁଅ ଝିଅମାନେ ପାଠ ପଢ଼ି ଚାକିରି କଲାବେଳେ ଲୋକେ କହିବେ ବାପ ଚୋରୀ କରି ଜେଲ ଯାଇଥିଲା, ପିଲାମାନେ ଭଲ ହେବେ କେମିତି ? ଏହି ଅପବାଦ ତୁମ ବଂଶାନୁକ୍ରମିକ ପିଲାମାନଙ୍କ ଉପରେ ଲାଗି ରହିବ। ତୁମେ ନିଜେ ରକ୍ତଚାପ, କ୍ୟାନସର, ବିଭିନ୍ନ ରୋଗ ଓ ମାନସିକ ଚାପର ବିଭିନ୍ନ ବ୍ୟାଧି ପୀଡ଼ିତ ହୋଇ ବିଛଣାରେ ଛଟପଟ ହେବ। ତେଣୁ ହେ ଦୁର୍ନୀତିଗ୍ରସ୍ତ ବାବୁମାନେ ଏବେ ଠାରୁ ସାବଧାନ ରୁହ। ଯେତିକି ପାଇଛ ସେତିକିରେ ସନ୍ତୁଷ୍ଟ ରୁହ ନହେଲେ ଭବିଷ୍ୟତରେ କଲବଲ ଜୀବନ ଭୋଗ କରିବ।

**ସତ୍ୟଶ୍ରୀନିବାସ, ତାରାଚାନ୍ଦ ପାଟଣା, କଟକ,**
**ଦୂରଭାଷ : ୯୨୩୮୬୩୨୭୫୦**







# ସ୍ୱାଭିମାନ ଓ
# ଅଙ୍ଗୁର କୋଳି ଖଟା ପ୍ରସଙ୍ଗ

ମଣିଷ ଜୀବନରେ ଦୁଇଟି କଷ୍ଟ ସବୁଠୁ ଅଧିକ ଭାରୀ, ଗୋଟିଏ ହେଉଛି ସ୍ୱାଭିମାନ ଧରି ଜୀଇବା ଓ ଆଉ ଗୋଟିଏ ହେଉଛି ସ୍ୱାଭିମାନ ହରାଇ ଜୀଇବା। ଏହି ଦୁଇ କଷ୍ଟ ମଧ୍ୟରେ ମଣିଷ ସାରା ଜୀବନ ଦୋଳାୟମାନ ହୋଇ ରହେ। କେବେ ସେ ନିଜ ସ୍ୱାଭିମାନକୁ ଧରି ରଖି ଅଭାବ, ଅପମାନ ଓ ସଂଘର୍ଷକୁ ଧରି ବଞ୍ଚି ରହିଥାଏ ତ କେବେ ସେ ସ୍ୱାଭିମାନକୁ ପଛକୁ ପକାଇ ଦେଇ ଫଳ, ସୁବିଧା ଓ ସ୍ୱୀକୃତିର ଖୋଜରେ ନିଜକୁ ହରାଇ ଦିଏ। ଏହାର କାରଣ ସ୍ୱାଭିମାନ ଧରି ଜିଇବା ଆଜିକାଲି ଏତେ ସହଜ ନୁହେଁ। ସ୍ୱାଭିମାନ ଥିବା ମଣିଷ ଅନେକ ସମୟରେ ନିରବ ଯନ୍ତ୍ରଣା ଭୋଗେ। ସେ ଭିକ୍ଷା ମାଗେନି, ଅନୁରୋଧ କରେନି, ଆତ୍ମସମ୍ମାନକୁ କିଛି ପାଇବା ପାଇଁ ବିକ୍ରି କରେନି। ତେଣୁ ସମାଜ ତାକୁ 'ଅହଂକାରୀ', ବୋଲି ଚିହ୍ନଟ କରେ। ଅନେକ ସୁଯୋଗ ତା' ପାଖକୁ ଆସି ମୁହଁ ଫେରାଇ ଯାଏ, କାରଣ ସେ ମୁଣ୍ଡ ନୁଆଁଇ ପାରେନି। ଏମିତି ମଣିଷର ଯାତ୍ରା କଷ୍ଟକର ଓ ସେ ଏକାକୀ ହୋଇଯାଏ । କିନ୍ତୁ ସେ ରାତିରେ ନିଜ ସହିତ ଶାନ୍ତିରେ ଶୋଇପାରେ, କାରଣ ସେ ନିଜକୁ ବିକ୍ରି କରି ନଥାଏ।







ଅନ୍ୟପଟେ, ସ୍ୱାଭିମାନ ହରାଇ ଜୀଇବା ସହଜ ଲାଗେ। ଏଠାରେ ଲାଭ ଶୀଘ୍ର ମିଳେ, ଦ୍ୱାର ଖୋଲିଯାଏ, ମଣିଷ ଲୋକଙ୍କ ପଛରେ ପଛରେ ଘୁରେ, ପ୍ରଶଂସା କରେ, ନିଜ ମୂଲ୍ୟବୋଧକୁ ମାଟି ତଳେ ପକାଇ ଦେଉଥାଏ। ଫଳରେ ସେ ସମ୍ମାନ, ପଦ, ଧନ କିମ୍ୱା ସୁବିଧା ହାସଲ କରେ। କିନ୍ତୁ ଏହି ସମ୍ମାନ ତା'ର ନୁହେଁ, ଏହା ତା'ର ଆତ୍ମସମର୍ପଣର ମୂଲ୍ୟ। ଏହାର ଅର୍ଥ ନୁହେଁ କେବଳ ଅଯୋଗ୍ୟ ଓ ଲାଭଖୋର ବ୍ୟକ୍ତି ଏହା କରନ୍ତି। ଯୋଗ୍ୟବ୍ୟକ୍ତି ଯେଉଁମାନେ ସମାଜର ଆଦର୍ଶ ସେମାନେ ମଧ୍ୟ ପରିସ୍ଥିତିରୁ ଲାଭ ଉଠାଇବା ପାଇଁ ସ୍ୱାଭିମାନକୁ ବିକ୍ରି କରିଦେଉଛନ୍ତି।

ଆଜିର ସମାଜରେ ଏହି ଦ୍ୱିତୀୟ ପ୍ରକାର ମଣିଷଙ୍କ ସଂଖ୍ୟା ବଢୁଛି। ଫଳରେ ସମ୍ମାନକୁ ପଛରେ ପକାଇ ଦେବା, ଲାଭ ପାଇଁ ସ୍ୱାଭିମାନକୁ ବଳି ଦେବା ପାଇଁ ମାନସିକତା ବଢ଼ି ଚାଲୁଚି। ସାଧାରଣ ଘଟଣାରେ ହେଉ ବା କାର୍ଯ୍ୟାଳୟ, ରାଜନୀତି, ସମାଜ, ସମ୍ପର୍କ, ସଭା, ସମ୍ବର୍ଦ୍ଧନା, ପୁରସ୍କାର...ସବୁଠି ଏହି ମନୋଭାବ ପ୍ରବଳ। ମଣିଷ ଭାବୁଛି, 'ପ୍ରଥମେ ଫଳ ମିଳୁ, ପରେ ସ୍ୱାଭିମାନ ଦେଖିବା।' କିନ୍ତୁ ସେ ଭୁଲିଯାଉଛି ଯେ ସ୍ୱାଭିମାନ ଥରେ ହରାଇଗଲେ, ସେ କେବେ ଫେରି ଆସେନି। ସ୍ୱାଭିମାନ ହେଉଛି ମଣିଷର ଭିତର ମୂଳ। ଏହା ନଥିଲେ ସମସ୍ତ ସଫଳତା ଖୋଲା ମଞ୍ଚର ଅଭିନୟ ମାତ୍ର। ଯେ ମଣିଷ ଫଳ ପାଇଁ ସମ୍ମାନକୁ ପଛରେ ପକାଏ, ସେ ଦିନେ ନା ଦିନେ ନିଜ ଦୃଷ୍ଟିରେ ନିଜେ ଛୋଟ ହୋଇଯାଏ । ସମାଜ ହୁଏ ତ ଆନ୍ତରିକତା ଥାଉ କି ନଥାଉ ତାକୁ ସମ୍ମାନ ଦେଇପାରେ କିନ୍ତୁ ତା'ର ଆତ୍ମା ତାକୁ କେବେ କ୍ଷମା କରେନି।

ଏହିଠାରେ ପ୍ରଶ୍ନ ଉଠେ-କଷ୍ଟ କେଉଁଠି ଅଧିକ କିନ୍ତୁ ଅନ୍ୟ ପକ୍ଷରେ ସ୍ୱାଭିମାନ ହରାଇ ଯେତେବେଳେ ଜଣେ ଲୋକ ଦେଖେ ନିଜ ସମାସ୍କନ୍ଧ ଲାଭ ଗୋଟାଇ ପାରୁଛି, ସେଇ ଦୃଶ୍ୟଟି ସ୍ୱାଭିମାନୀ ବ୍ୟକ୍ତିର ମନରେ ନିଶ୍ଚୟ ଏକ ଗଭୀର ଉଦାସତା ସୃଷ୍ଟି କରେ। ଏହି ଉଦାସତା କେବଳ ଦୁଃଖ ନୁହେଁ, ବରଂ ନିଜ ଯୋଗ୍ୟତା ପ୍ରତି ଏକ ଗୁପ୍ତ ସନ୍ଦେହକୁ ମଧ୍ୟ ଜନ୍ମ ଦେଇଥାଏ। ସେ ଭାବିବାକୁ ଆରମ୍ଭ କରେ- 'ମୁଁ ସତରେ ଯୋଗ୍ୟ ଥିଲି କି ?' ଏହି ପ୍ରଶ୍ନ ଧୀରେ ଧୀରେ ତାଙ୍କୁ ଈର୍ଷଣୀୟ କରି ତୋଳେ, ଯାହା ତାଙ୍କ ମୂଲ୍ୟବୋଧକୁ ଭିତରୁ କ୍ଷତାକ୍ତ କରିଦିଏ ।

ସ୍ୱାଭିମାନ ଆଜି ସମାଜରେ ସେଇ ପୁରୁଣା ଛତା ଭଳି-ବର୍ଷାରେ କାମ ଆସେ, କିନ୍ତୁ ସୂର୍ଯ୍ୟ ଉଠିଲେ ଲୋକେ ଭୁଲିଯାଆନ୍ତି; ଯେଉଁଠି ସ୍ୱାଭିମାନ ଛାଡ଼ି ଲାଭ ଗୋଟାଯାଏ, ସେଠି ଯୋଗ୍ୟତାକୁ ମୂର୍ଖତା ଆଖ୍ୟା ମିଳେ ଓ ଚୁପ୍ ରହିବାକୁ ବୁଦ୍ଧିମତା କୁହାଯାଏ-ଫଳରେ ସ୍ୱାଭିମାନୀ ଲୋକ ମନରେ ଉଦାସ, ମୁହଁରେ ହସ, ଓ ଭିତରେ ଇର୍ଷା ଲୁଚାଇ 'ଅଙ୍ଗୁର ଖଟା' କହି ସେହି ସ୍ରୋତରେ ଭାସିଯାଏ । ସତରେ ଅଙ୍ଗୁର ଖଟା ହେଲେ ବି, ଲୋକେ କହିବେ- ନିଜେ ସଫଳତା ପାଇଲା ନାହିଁ ତେଣୁ କହୁଛି।
ଏଠି ସତ୍ୟର ମାନଦଣ୍ଡ ନୁହେଁ, ସଫଳତାର ଦେଖାଯାଏ। ପାଇଥିବା ମୁହଁରୁ ସବୁ ମିଠା, ନ ପାଇଥିବା କଥା ସବୁବେଳେ ଖଟା ଅର୍ଥରେ ଭଲମନ୍ଦର ଗୁରୁତ୍ୱ ରହେ ନାହିଁ। ସ୍ୱାଭିମାନରେ ହେଉ କିମ୍ୱା ସ୍ୱାଭିମାନ ବଳି ଦେଇ ହେଉ ଯଶ ଓ ଖ୍ୟାତି ଏକାକାର ହୋଇଯାଏ। ବେଳେବେଳେ ଏହି ମନସ୍ଥିତି, ନିଜ ଅସମର୍ଥତାକୁ ଢାକିବା ପାଇଁ ମଣିଷ ଅନ୍ୟର ସଫଳତାକୁ ମଧ୍ୟ ଅପମାନିତ କରେ, ସେଠି ସ୍ୱାଭିମାନ ଆରମ୍ଭରୁ ହିଁ ଚୁପଚାପ ମୃତ୍ୟୁବରଣ କରେ। କେତେକ ସମୟରେ ସେ କିଛି ନକହି, ନିରବ ରହି, ସେହି ସ୍ରୋତରେ ଭାସିଯିବା ପାଇଁ ନିଜକୁ ପ୍ରସ୍ତୁତ କରେ-ଯେ ସ୍ରୋତ ତାଙ୍କ ନୀତି, ଆତ୍ମସମ୍ମାନ ଓ ସ୍ୱତନ୍ତ୍ର ଚିନ୍ତାଧାରାକୁ ଧୀରେଧୀରେ ଗିଳିଦିଏ। ଏଭଳି ମାନସିକ ସମର୍ପଣ କେବଳ ବ୍ୟକ୍ତିଗତ ହାନିରେ ସୀମିତ ନୁହେଁ, ଏହା ସମାଜ ପାଇଁ ମଧ୍ୟ କ୍ଷତିକାରକ। କାରଣ ଯେଉଁ ସମାଜରେ ସ୍ୱାଭିମାନୀ ଲୋକମାନେ ମନମାରି ଅନ୍ୟାୟ ସହ ଖାପଖୁଆଇ ନେଉଛନ୍ତି, ସେଠି ସତ୍ୟ ଓ ନ୍ୟାୟ ଧୀରେ ଧୀରେ ଅସମ୍ପର୍କିତ ହୋଇଯାଏ। ଶେଷରେ, ସ୍ୱାଭିମାନର ପରାଜୟ କେବଳ ଏକ ବ୍ୟକ୍ତିର ନୁହେଁ-ସମଗ୍ର ସମାଜର ନୀତିଗତ ପରାଜୟ ହୋଇଯାଏ।

**ପୂର୍ଣ୍ଣଚନ୍ଦ୍ର ବହଳୀ**
ପ୍ରାକ୍ତନ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
ସମ୍ପାଦକ, ଶିବାନୀ, ଗରଦପୁର, ଭଦ୍ରକ
ମୋ-୯୮୬୧୪୪୪ ୨୦୦



କିଆରା ଦତ୍ତ

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

# ଖଣ୍ଡଗିରି ପାଇଁ ସଜବାଜ

ଏଥର ମଧ୍ୟ ଖଣ୍ଡଗିରିରେ ଯାତ୍ରା ଆରମ୍ଭ ହେବ ଯାତ୍ରା ମହାସମର। ପାର୍ଟି, ନାଟକ, କଳାକାରଙ୍କୁ ନେଇ ଚାଲିବ ବଳ କଷାକଷି। କାହାର କେତେ ଦମ୍ ଦର୍ଶକଙ୍କ ଭିଡ଼ରୁ ହିଁ ଜାଣିହେବ। ସେମିତି ଦେଖିବାକୁ ଗଲେ ଖଣ୍ଡଗିରି ମେଳାରେ ଅଧିକ ମାତ୍ରାରେ ଦର୍ଶକ ଆସୁଥିବାରୁ ପ୍ରାୟ ସବୁ ପେଣ୍ଡାଲରେ ଖଚାଖଚ୍ ଭିଡ଼ ଥାଏ। ସୋସିଆଲ ମିଡିଆରେ ଯେଭଳି ଭାବରେ ପ୍ରଚାର ପ୍ରସାର ଜମିଲାଣି, ଯାତ୍ରା ପୂର୍ବରୁ ସରଗରମ ହୋଇଗଲାଣି ମାହୋଲ ଓ ଦର୍ଶକ ମଧ୍ୟ ଅପେକ୍ଷା କରି ରହିଛନ୍ତି, କେଉଁ ପାର୍ଟିରେ କି କି ନାଟକ ସେମାନେ ଦେଖିବେ। ବିଭିନ୍ନ ପେଣ୍ଡାଲରେ ରିପିଟ୍ ନାଟକ ପ୍ରଦର୍ଶନ ହେବା ସହିତ ମେଳା ମଧ୍ୟ ଏଥର ଖୁବ୍ ଜମିବ।

## ରିପିଟ୍ ନାଟକ କାହିଁକି:

ଖଣ୍ଡଗିରି ମେଳାରେ ଗୋଟିଏ ନାଟକ ଶେଷ ଯାଏ ଚାଲୁଥିବାର ଦେଖିବାକୁ ମିଳେ। ସତରେ ନାଟକ ଭଲ ହୋଇଥିବାରୁ ଗୋଟିଏ ନାଟକ ରିପିଟ୍ ହୁଏ ନା ଏହା ପଛରେ କିଛି ରାଜନୀତି ଥାଏ। ଗୋଟିଏ କଥା ହଜମ କରିହୁଏ ନାହିଁ, ଯେଉଁ ନାଟକଟି ପ୍ରଦର୍ଶିତ ହୁଏ, କେବଳ ପାର୍ଟି କଣ ସେହି ଗୋଟିଏ ନାଟକକୁ ନେଇ ବ୍ୟବସାୟିକ ସଫଳତା ପାଏ ନା ଖଣ୍ଡଗିରି ମେଳାରେ ନାଟକକୁ ନେଇ ଚାଲୁଥିବା ରାଜନୀତିର ଏହା ଏକ ବଡ଼ ଉଦାହରଣ। ଏକଥା ଆମେ କହୁନାହୁଁ, ଦର୍ଶକ ମଧ୍ୟ ଅନେକଥର ଏ ବାବଦରେ ପ୍ରଶ୍ନ ଉଠାଇଥାନ୍ତି। ରିପିଟ୍ ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକଙ୍କ ବ୍ୟତୀତ, ସେହି ପାର୍ଟି ପାଇଁ ପ୍ରସ୍ତୁତ କରିଥିବା ଅନ୍ୟ ନାଟ୍ୟକାର/ନିର୍ଦ୍ଦେଶକଙ୍କୁ କାହିଁକି ଉପେକ୍ଷା କରାଯାଏ। ଯଦି ସମସ୍ତଙ୍କ ନାଟକକୁ ଖଣ୍ଡଗିରି ମେଳାରେ ପ୍ରଦର୍ଶିତ ହେବାର ସୁଯୋଗ ଦିଆହୁଅନ୍ତା, ଅସୁବିଧା କଣ ?



## ଯାତ୍ରା କଳାକାର ବି ଉପେକ୍ଷିତ:

ଯେଉଁ ଗୋଟିଏ ନାଟକକୁ ନେଇ ଖଣ୍ଡଗିରି ମେଳାରେ ଗୋଟେ ଗୋଟେ ଯାତ୍ରା ପାର୍ଟି ପ୍ୟାଭିଲିୟନ ଛାଡ଼ି ଦିଅନ୍ତି କେବଳ ନାଟ୍ୟକାର କି ନିର୍ଦ୍ଦେଶକ ନୁହେଁ ବରଂ କଳାକାରମାନେ ବି ଉପେକ୍ଷିତ ହୁଅନ୍ତି। ଯେଉଁମାନେ ସେହି ନାଟକରେ ଅଭିନୟ କରିବାରୁ ବଞ୍ଚିତ ହୋଇଥାନ୍ତି କିମ୍ବା ସେମାନଙ୍କ ଚରିତ୍ରର ବିଶେଷ ଭୂମିକା ନଥାଏ, ସେମାନେ ଅଣଦେଖା ହୋଇ ରହିଯାଆନ୍ତି। ଫଳରେ କଳାକାରଟିଏ ନିଜର ନ୍ୟାର୍ଯ୍ୟ ନପାଇବା ଭଳି ଲାଗେ। ଖଣ୍ଡଗିରି ମେଳାରେ ପ୍ରଦର୍ଶିତ ହେଉଥିବା ନାଟକକୁ ନେଇ ପାତରଅନ୍ତର ହେବା ଉଚିତ ନୁହେଁ ବୋଲି ଦର୍ଶକ ମତ ରଖନ୍ତି।

## ସାମ୍ବାଦିକଙ୍କୁ ଅଣଦେଖା:

ଅନେକ ସମୟରେ ଖଣ୍ଡଗିରି ମେଳାରେ ସାମ୍ବାଦିକଙ୍କୁ ଅଣଦେଖା କରିବା ଦେଖାଯାଇଥାଏ। ସେମାନେ ଯାତ୍ରାନୁଷ୍ଠାନ ତଥା ଯାତ୍ରା କଳାକାରଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଦାୟିତ୍ୱ ନେବାବେଳେ, କମିଟି ହୁଅନ୍ତୁ ଅବା ଯାତ୍ରା ପ୍ରଯୋଜକ ଅନେକ ସମୟରେ କଳାକାରଙ୍କ ଖବର ପରିବେଷଣ କରିବାକୁ ଅନୁମତି ଦେଇ ନଥାନ୍ତି। ସାମ୍ବାଦିକଙ୍କୁ କମିଟି ଅନୁମତି ନଦେବା, ସାମ୍ବାଦିକମାନେ ଶୀତରେ ଯାଇ କଳାକାରଙ୍କ ଖବର ପରିବେଷଣ ନିମନ୍ତେ ହଟହଟା ହେବା ଘଟଣା ପୂର୍ବରୁ ଦେଖାଯାଇଛି। ଏଣୁ ଏ ଦିଗରେ କମିଟି ଓ ପ୍ରଯୋଜକ ସଚେତନ ହୋଇ ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉଚିତ। କିଛି ନହେଲେ ବି ଗ୍ରୀନ୍ ରୁମ ପଛପାଖରେ କଳାକାରଙ୍କ ଖବର ପରିବେଷଣ ନିମନ୍ତେ ସୁବିଧା କରିବା ଦରକାର। ସେମାନଙ୍କ ପାଇଁ ଏମିତି ବ୍ୟବସ୍ଥା କରାଯିବା ଦରକାର, ଯେଭଳି ଜଣେ ଯାତ୍ରା କଳାକାର ସହଜରେ ସାମ୍ବାଦିକଙ୍କୁ ଖବର ପରିବେଷଣ ନିମନ୍ତେ ବାଇଟ୍ କି ତଥ୍ୟ ଦେବା ପାଇଁ ସୁବିଧା ହୋଇପାରୁଥିବ।

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com